بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 17

ସାପ୍ତାହିକ

# ବଦର

Weekly **BADAR** Qadian

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

25 ଏପ୍ରିଲ୍ 2019    25 ଶାହାଦତ୍ 1398 ହି.ଶ    19 ଶାବାନ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلۡ یٰۤاَہۡلَ الۡکِتٰبِ تَعَالَوۡا اِلٰی کَلِمَۃٍ
سَوَآءٍۢ بَیۡنَنَا وَبَیۡنَکُمۡ اَلَّا نَعۡبُدَ اِلَّا اللّٰہَ
وَلَا نُشۡرِکَ بِہٖ شَیۡئًا وَّلَا یَتَّخِذَ بَعۡضُنَا
بَعۡضًا اَرۡبَابًا مِّنۡ دُوۡنِ اللّٰہِ (آل عمران:65)

ଅନୁବାଦ- (ତୁମ୍ଭେ) କୁହ, ''ହେ ଗ୍ରନ୍ଥଧାରୀମାନେ ! ତୁମ୍ଭେମାନେ (ଅନ୍ତତଃ) ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମ ମାନଙ୍କ ତଥା ତୁମମାନଙ୍କ ମଧ୍ୟରେ ସମାନ ଅଟେ (ଏବଂ ତାହା ହେଉଛି) ଯେ ଆମେମାନେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାରି ଉପାସନା କରିବା ନାହିଁ; ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ଏବଂ ଅଲ୍ଲାଃଙ୍କୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ଜଣେ ଅନ୍ୟକୁ ପାଳନକର୍ତା ରୂପେ ଗ୍ରହଣ କରିବା ନାହିଁ ।

*(ଆଲେ ଇମରାନ୍: ୬୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

ତକ୍‌ୱା (ଧର୍ମପରାୟଣତା) କୌଣସି ଛୋଟିଆ ବସ୍ତୁ ନୁହେଁ । ଏହା ମାଧ୍ୟମରେ ସେହି ସମସ୍ତ ସଇତାନ ମାନଙ୍କ ସହିତ ଲଢ଼ିବାକୁ ପଡ଼ିଥାଏ ଯିଏ ମନୁଷ୍ୟର ପ୍ରତ୍ୟେକ ଅନ୍ତଃଶକ୍ତି ଓ ବାହ୍ୟଶକ୍ତି ଉପରେ ବିଜୟ ପ୍ରାପ୍ତ କରିଥାଏ । ଏହି ସମସ୍ତ ଶକ୍ତି ନଫ୍‌ସେ ଅମ୍ମାରାଃ (ଅର୍ଥାତ୍ ଖରାପ କାର୍ଯ୍ୟପ୍ରତି ଆଗଭର ହେବା)ର ଅବସ୍ଥାରେ ମନୁଷ୍ୟ ଭିତରେ ସଇତାନ ଅଟନ୍ତି । ଯଦି ଏହାର ସୁଧାର ନ ହୁଏ ତେବେ ଏମାନେ ମନୁଷ୍ୟକୁ ଗୁଲାମ୍ କରିନେବେ । ଜ୍ଞାନ ଓ ବୁଦ୍ଧି ଖରାପ ବ୍ୟବହାର ହୋଇ ସଇତାନ ହୋଇଯାନ୍ତି । ମୁତ୍‌ତ୍‌କିର କାର୍ଯ୍ୟ ହେଉଛି ସେମାନଙ୍କର ଓ ସେହିପରି ଅନ୍ୟାନ୍ୟ ସମସ୍ତ ଶକ୍ତିକୁ ପରିବର୍ତନ କରିବା ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଇନ୍‌ଫାକ୍ ମିନ୍ ରିଜ୍‌କିଲ୍ଲାହି

### (ଅର୍ଥାତ୍ ଈଶ୍ୱରଙ୍କ ପ୍ରଦତ ଜୀବିକାରୁ ଖର୍ଚ୍ଚ କରିବା)

ମୁତ୍‌ତକିଙ୍କ ସପକ୍ଷରେ ଏହି ଆୟତ ଆସିଛି ***ୱ ମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍*** (ବକ୍‌ରାଃ: ୪) । ଏଠାରେ ମୁତ୍‌ତକିଙ୍କ ନିମନ୍ତେ ମିମ୍ମା ଶବ୍ଦ ବ୍ୟବହାର ହୋଇଛି । କାରଣ ସେ ସମୟରେ ତା'ର ଅବସ୍ଥା ଅନ୍ଧ ସଦୃଶ । ତେଣୁ ଯାହା କିଛି ଈଶ୍ୱର ତାକୁ ଦେଇଛନ୍ତି, ସେଥିମଧ୍ୟରୁ କିଛି ଈଶ୍ୱରଙ୍କ ନାମରେ ଦିଏ । ବାସ୍ତବିକତା ହେଉଛି ଏହା କି, ଯଦି ତା'ର ଆଖି ଥାଆନ୍ତା ତେବେ ଦେଖିପାରନ୍ତା ଯେ ତା'ର କିଛି ନାହିଁ, ସବୁ କିଛି ହିଁ ଈଶ୍ୱରଙ୍କର । ଏହା ଏକ ପର୍ଦା ଥିଲା ଯାହା ଧର୍ମ ପରାୟଣତା ପାଇଁ ଜରୁରୀ ଅଟେ । ଏପରି ଧର୍ମ ପରାୟଣତାର ଅବସ୍ଥା ଏହା ଆବଶ୍ୟକ କରୁଥିଲା ଯେ ମୁତ୍‌ତକି (ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତି) ଜରିଆରେ ଈଶ୍ୱରଙ୍କ ଦ୍ୱାରା ପ୍ରଦତ ବସ୍ତୁ ମଧ୍ୟରୁ କିଛି ପ୍ରଦାନ କରାଗଲା । ରସୁଲେ କରିମ୍ ସ:ଆ:ସ ହଜ୍‌ରତ୍ ଆଇଶାଃ ର:ଅଙ୍କୁ ମୃତ୍ୟୁ ସଯ୍ୟାରେ ପଚାରିଲେ କି କଣ ଘରେ କିଛି ଅଛି ? ଜଣାପଡ଼ିଲା ଯେ ଗୋଟିଏ ଦିନାର୍ ଅଛି: (ଏଥିରେ ଆପଣ ସ:ଆ:ସ) କହିଲେ ଯେ ଏହା (ଈଶ୍ୱରଙ୍କ ସହିତ ପ୍ରେମ ଭାବର) ଏକ ହୋଇଯିବା ଚରିତ୍ରଠାରୁ ବହୁତ ଦୁର ଯେ ଗୋଟିଏ ବସ୍ତୁକୁ ମଧ ନିଜ ପାଖରେ ରଖାଯାଉ । ରସୁଲେ ଅକ୍‌ରମ୍ ସ:ଆ:ସ ଇତ୍‌ତକା (ଅର୍ଥାତ୍ ଧର୍ମନିଷ୍ଠତା)ର ଦରଜା ପାର ହୋଇ ସଲାହିୟତ୍ ର ଦରଜା ପର୍ଯ୍ୟନ୍ତ ପହଂଚି ସାରିଥିଲେ ସେଥିପାଇଁ ତାଙ୍କ ପଦମର୍ଯ୍ୟାଦା ନିମନ୍ତେ ମିମ୍ମା (ଅର୍ଥାତ୍ ଯାହା କିଛି ଦିଆଯାଇଛି ସେଥି ମଧ୍ୟରୁ) ଶବ୍ଦ ବ୍ୟବହାର ହେଲା ନାହିଁ । କାରଣ ସେ ବ୍ୟକ୍ତି ହେଉଛି ଅନ୍ଧ ଯିଏ ନିଜ ପାଖରେ କିଛି ରଖେ ଓ କିଛିଟା ଈଶ୍ୱରଙ୍କୁ ଦିଏ କିନ୍ତୁ ଧର୍ମ ପରାୟଣ ବ୍ୟକ୍ତି ନିମନ୍ତେ ଏହା ଜରୁରୀ ଥିଲା କାରଣ ଈଶ୍ୱରଙ୍କ ମାର୍ଗରେ ଦେବା ପାଇଁ ମଧ ତାକୁ ତା ମନ ସହିତ ଯୁଦ୍ଧ କରିବାକୁ ପଡୁଥିଲା ଫଳତଃ କିଛି ଦେଲା ଓ କିଛି ରଖିଲା । ହଁ ରସୁଲେ ଅକ୍‌ରମ୍ ସ:ଆ:ସ ସବୁ କିଛି ଈଶ୍ୱରଙ୍କ ମାର୍ଗରେ ଦେଇଦେଲେ ଓ ନିଜ ନିକଟରେ କିଛି ରଖିଲେ ନାହିଁ ।

ଧର୍ମ ମହୋତ୍ସବ ନିମନ୍ତେ ଲେଖାଯାଇଥିବା ବିଷୟରେ ଯେପରି ମନୁଷ୍ୟର ତିନିଗୋଟି ଅବସ୍ଥା ସମ୍ବନ୍ଧରେ ଚର୍ଚ୍ଚା କରାଯାଇଅଛି ଯାହା ମନୁଷ୍ୟର ପ୍ରାରମ୍ଭିକ ଅବସ୍ଥାଠାରୁ ଶେଷ ଅବସ୍ଥା ପର୍ଯ୍ୟନ୍ତ ପର୍ଯ୍ୟବେଶିତ ସେହିପରି ଏଠାରେ ମଧ ପବିତ୍ର କୋରାନ୍ ଯିଏ ମନୁଷ୍ୟର ଉନ୍ନତି ସାଧନ ନିମନ୍ତେ ଅବତୀର୍ଣ୍ଣ ହୋଇଛି, ଧର୍ମନିଷ୍ଠତାରୁ ଆରମ୍ଭ କରିଛି । ଏହା ଏକ ଦେଖାଣିଆ ଭାବର ରାସ୍ତା ଅଟେ । ଏହା ଏକ ବିପଦପୂର୍ଣ୍ଣ କ୍ଷେତ୍ର ଅଟେ । ତା' ହାତରେ ତରବାରୀ ରହିଛି ଓ ସମ୍ମୁଖରେ ମଧ ତରବାରୀ ଅଛି । ଯଦି ବଂଚିଗଲା ତେବେ ମୋକ୍ଷ ପାଇଗଲା ନଚେତ୍ ତଳକୁ ତଳ ଖସିଲା । ସୁତରାଂ ଏଠାରେ ମୁତ୍‌ତକିର ବିଶେଷ ଗୁଣ ସମ୍ବନ୍ଧରେ ଏକଥା କହିଲା ନାହିଁ ଯେ ଯାହା କିଛି ଆମେ ଦେଇଅଛୁ ସେ ସବୁକୁ ସେ ଖର୍ଚ୍ଚ କରିଦେଉଛି । ମୁତ୍‌ତକି ମଧ୍ୟରେ ଏତେ ମାତ୍ରାରେ ବିଶ୍ୱାସର ଶକ୍ତି ନଥାଏ ଯାହା ନବୀଙ୍କ ନିକଟରେ ଥାଏ କି ସେ ଆମ ପୂର୍ଣ୍ଣ ପଥପଦର୍ଶକଙ୍କ ପରି ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ବସ୍ତୁକୁ ଈଶ୍ୱରଙ୍କୁ ଦେଇଦେବ । ସେଥିପାଇଁ ପ୍ରଥମେ ଅଳ୍ପ କିଛି ଟିକସ ଲଗା ଗଲା ଫଳତଃ ତା'ର ମଜାକୁ ଚାଖି ଅଧିକ କୁର୍ବାନୀ କରିବାକୁ ପ୍ରସ୍ତୁତ ହୋଇଯିବ ।

### ରିଜକ୍‌ର ଅର୍ଥ (ଈଶ୍ୱର ପ୍ରଦତ ଜୀବିକା)

*ୱ ମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍* (ବକ୍‌ରାଃ:୪) ରିଜକ୍‌ର ଅର୍ଥ କେବଳ ଧନ ନୁହେଁ ବରଂ ଯାହା କିଛି ସେମାନଙ୍କୁ ପ୍ରଦାନ କରାଯାଇଛି । ଜ୍ଞାନ,ବୁଦ୍ଧ, ଚିକିତ୍ସା ବୃତି । ଏହା ସବୁ କିଛି ରିଜକ୍‌ରେ ସାମିଲ ଅଛି । ତାକୁ ସେଥିମଧ୍ୟରୁ ଈଶ୍ୱରଙ୍କ ମାର୍ଗରେ ମଧ ଖର୍ଚ୍ଚ କରିବାକୁ ହୁଏ ।

### କ୍ରମାଗତଭାବେ ଶିକ୍ଷାର ସମ୍ପୂର୍ଣ୍ଣତା

ମନୁଷ୍ୟ ଏ ମାର୍ଗରେ କ୍ରମାଗତ ଭାବେ ଓ ପାଦେ ପାଦେ ଉନ୍ନତି କରିଥାଏ । ଯଦି ଇଞ୍ଜିଲ୍ ସଦୃଶ ଏ ଶିକ୍ଷା ଥାନ୍ତା ଯେ ଗାଲରେ ଥାପୁଡ଼ା ଖାଇ ଦ୍ୱିତୀୟ ଥାପୁଡ଼ା ପାଇଁ ଗାଲ ଆଗକୁ ରଖିଦେବା ବା ସବୁ କିଛି ଦେଇଦିଆ ଯାଉ ତେବେ ଏହାର ଫଳ ଏପରି ହୋଇଥାନ୍ତି କି ମୁସଲ୍‌ମାନମାନେ ମଧ ଇସାଇଙ୍କ ପରି ଯେଉଁ ଶିକ୍ଷାରେ ପରିଚାଳିତ ହେବା ସମ୍ଭବ ନୁହେଁ, ଏପରି ଶିକ୍ଷାର ପୁଣ୍ୟ ହାସଲ କରିବାରୁ ବଂଚିତ ହୋଇଥାନ୍ତେ । କିନ୍ତୁ ପବିତ୍ର କୋରାନ୍ ତ ମନୁଷ୍ୟର ସ୍ୱଭାବ ମୁତାବକ ଧିରେ ଧିରେ ଉନ୍ନତି କରାଇଥାଏ । ଇଞ୍ଜିଲ୍‌ର ଉଦାହରଣ ତ ସେହି ପିଲାର ଉଦାହରଣ ପରି ଯାହକୁ ସ୍କୁଲ୍‌ରେ ନାମ ଲେଖାଇବା ସଙ୍ଗେସଙ୍ଗେ କଠିନ ପୁସ୍ତକକୁ ପଢ଼ିବା ପାଇଁ ବାଧ୍ୟ କରାଯାଏ । ଈଶ୍ୱର ହେଉଛନ୍ତି ତତ୍ୱଜ୍ଞ । (ତେଣୁ) ତାଙ୍କ ତତ୍ୱଜ୍ଞାନ ଏହା ଚାହୁଁଛି ଯେ କ୍ରମାଗତ ଭାବେ ଶିକ୍ଷା ସମ୍ପୂର୍ଣ୍ଣ ହେଉ ।

ତା'ପରେ ମୁତ୍‌ତକିଙ୍କ ସପକ୍ଷରେ କହିଲେ: *ୱଲ୍‌ଲଜିନା ୟୁମିନୁନା ବିମା ଉନ୍‌ଜିଲା ଇଲୈକା ୱମା ଉନ୍‌ଜିଲା ମିନ୍ କବ୍‌ଲିକା ୱ ବିଲ୍ ଆଖିରତି ହୁମ୍ ୟୁକିନୁନ୍ (ବକ୍‌ରାଃ: ୫)* ଅର୍ଥାତ୍ ସେମାନେ ହେଉଛନ୍ତି ଧର୍ମ ପରାୟଣ ଯେଉଁମାନେ ପୂର୍ବରୁ ଅବତୀର୍ଣ୍ଣ ହୋଇଥବା (ପୁସ୍ତକ) ଉପରେ ବିଶ୍ୱାସ ଆଣୁଛନ୍ତି ଓ ପରକାଳ ଉପରେ ବିଶ୍ୱାସ ରଖିଛନ୍ତି । ଏ କଥା ମଧ ତକଲ୍ଲୁଫ୍ (ଅର୍ଥାତ୍ ଦେଖାଣିଆ) ଭାବରୁ ଖାଲି ନାହିଁ । ଏ ପର୍ଯ୍ୟନ୍ତ ଇମାନ୍ ଏକ ଗୁପ୍ତ ରଙ୍ଗରେ ରହିଛି । ମୁତ୍‌ତକିର ଆଖି ଆଧାତ୍ମିକ ଜ୍ଞାନ ଓ ଆଧାତ୍ମିକ ଦୁରଦୃଷ୍ଟିରେ ନାହିଁ । ସେ ତକ୍‌ୱା ଦ୍ୱାରା ସଇତାନ ସହିତ ଲଢ଼ି ଏ ପର୍ଯ୍ୟନ୍ତ ଗୋଟିଏ କଥାକୁ ମାନିଛି । ବର୍ତମାନ ଆମ ଜମାତ୍‌ର ପରିସ୍ଥିତି ଏପରି ଅଛି । ସେମାନେ ମଧ ତକ୍‌ୱା ଦ୍ୱାରା ମାନିଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ସେମାନେ ଜାଣିନାହାନ୍ତି ଯେ ଏ ଜମାତ୍ ଈଶ୍ୱରଙ୍କ ହାତରେ କେତେ ମାତ୍ରାରେ ଲାଳନପାଳନ ହେବ । ସୁତରାଂ ଏହା ଏକ ଇମାନ୍ ଯାହା ପରିଶେଷରେ ଲାଭପ୍ରଦ ହେବ ।

ୟକିନ୍ (ଅର୍ଥାତ୍ ବିଶ୍ୱାସ) ଶବ୍ଦଟି ଯେବେ ସାଧାରଣ ରୂପେ ବ୍ୟବହାର ହୁଏ ସେତେବେଳେ ତାର ଅର୍ଥ ଅଳ୍ପ ମାତ୍ରାରେ ହୋଇଥାଏ ଅର୍ଥାତ୍ ଜ୍ଞାନର ତିନୋଟି ସ୍ତର ଅଛି ସେଥିମଧ୍ୟରୁ ନ୍ୟୁନତମସ୍ତର ହେଉଛି ଜ୍ଞାନ ଅର୍ଥାତ୍ ଇଲ୍‌ମୁଲ୍ ୟକିନ୍ । ଏହି ସ୍ତରରେ ଧର୍ମପରାୟଣ ବ୍ୟକ୍ତି ରହିଥାଏ । କିନ୍ତୁ ପରେ ଅଏନୁଲ୍ ୟକିନ୍ (ଅର୍ଥାତ୍ ଆଖିରେ ଦେଖି ବିଶ୍ୱାସ କରିବା) ଏବଂ ହକ୍‌କୁଲ୍ ୟକିନ୍ (ଅର୍ଥାତ୍ ସତ୍ୟକୁ ଅନୁଭବ କରି ବିଶ୍ୱାସ କରିବା)ର ସ୍ତର ମଧ ତକ୍‌ୱାର ସ୍ତରକୁ ଅତିକ୍ରମ କରିବା ପରେ ହାସଲ କରିନିଏ ।

ତକ୍‌ୱା (ଧର୍ମପରାୟଣତା) କୌଣସି ଛୋଟିଆ ବସ୍ତୁ ନୁହେଁ । ଏହା ମାଧ୍ୟମରେ ସେହି ସମସ୍ତ ସଇତାନ ମାନଙ୍କ ସହିତ ଲଢ଼ିବାକୁ ପଡ଼ିଥାଏ ଯିଏ ମନୁଷ୍ୟର ପ୍ରତ୍ୟେକ ଅନ୍ତଃଶକ୍ତି ଓ ବାହ୍ୟଶକ୍ତି ଉପରେ ବିଜୟ ପ୍ରାପ୍ତ କରିଥାଏ । ଏହି ସମସ୍ତ ଶକ୍ତି ନଫ୍‌ସେ ଅମ୍ମାରାଃ (ଅର୍ଥାତ୍ ଖରାପ କାର୍ଯ୍ୟପ୍ରତି ଆଗଭର ହେବା)ର ଅବସ୍ଥାରେ ମନୁଷ୍ୟ ଭିତରେ ସଇତାନ ରୁପରେ ଅଛନ୍ତି । ଯଦି ଏହାର ସୁଧାର ନ ହୁଏ ତେବେ ଏମାନେ ମନୁଷ୍ୟକୁ ଗୁଲାମ୍ କରିନେବେ । ଜ୍ଞାନ ଓ ବୁଦ୍ଧି ଖରାପ ବ୍ୟବହାର ହୋଇ ସଇତାନ ହୋଇଯାନ୍ତି । ମୁତ୍‌ତ୍‌କିର

ପ୍ରିଣ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିଣ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

କାର୍ଯ୍ୟ ହେଉଛି ସେମାନଙ୍କର ଓ ସେହିପରି ଅନ୍ୟାନ୍ୟ ସମସ୍ତ ଶକ୍ତିକୁ ପରିବର୍ତନ କରିବା ।

ସଚ୍ଚା ଧର୍ମ ମନୁଷ୍ୟର ସମସ୍ତ ଶକ୍ତିର ପ୍ରତିପାଳକ ହୋଇଥାଏ ସେହିପରି ଯେଉଁ ଲୋକମାନେ ପ୍ରତିଶୋଧ ନେବା, କ୍ରୋଧିତ ହେବା ବା ବିବାହ କରିବାକୁ ସବୁକ୍ଷେତ୍ରରୁ ଖରାପ ମଣୁଛନ୍ତି, ସେମାନେ ମଧ୍ଯ ଐଶରୀକ ବିଧାନର ବିରୋଧି ଅଟନ୍ତି ଓ ମନୁଷ୍ୟର ଶକ୍ତିକୁ ବିରୋଧ କରୁଛନ୍ତି । ସଚ୍ଚା ଧର୍ମ ହେଉଛି ତାହା ଯାହା ମଣିଷର ଶକ୍ତିକୁ ଲାଳନପାଳନ କରିଥାଏ ନା କି ତାର ମୁଳୋତ୍ପାଟନ କରେ । ପୁରୁଷତ୍ୱତା ବା କ୍ରୋଧ କରିବା ଯାହା ଖୁଦାତାଲାଙ୍କ ତରଫରୁ ମଣିଷର ପ୍ରକୃତିରେ ରଖାଯାଇଛି ତାହା ସବୁ ଛାଡ଼ିବା ହେଉଛି ଈଶ୍ୱରଙ୍କ ସହିତ ମୁକାବିଲା କରିବା । ଯେପରି ସଂସାରକୁ ଛାଡ଼ିଦେବା ବା ସନ୍ନ୍ୟାସି ହୋଇଯିବା ଏହାସବୁ ଉପାସନାର ହକ୍‌କୁ ଆହୁରି ନଷ୍ଟ କରିଦେବ । ଯଦି ଏପରି ହୋଇଥାନ୍ତା ତେବେ ସେହି ଈଶ୍ୱରଙ୍କ ଉପରେ ଆରୋପ ଲାଗିବ ଯିଏ ଏହି ସବୁ ଶକ୍ତି ଗୁଡ଼ିକୁ ଆମଠାରେ ସୃଷ୍ଟି କରିଛନ୍ତି । ସୁତରାଂ ଏପରି ଶିକ୍ଷା ଯାହା ଇଞ୍ଜିଲ୍‌ରେ ଅଛି ଓ ଯାହା ଦ୍ୱାରା (ମାନବ ଭିତରେ ଥିବା ପ୍ରାକୃତିକ) ଶକ୍ତିର ମୁଳୋତ୍ପାଟନ ହୁଏ ତାହା ପଥଭ୍ରଷ୍ଟତା ପର୍ଯ୍ୟନ୍ତ ପହଂଚାଇ ଦେଇଥାଏ । ଅଲ୍ଲାଃତାଲା ତ ଏହାକୁ ପରିବର୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସବୁକୁ ନଷ୍ଟ କରିଦେବାକୁ ପସନ୍ଦ କରେ ନାହିଁ । ଯେପରି ସେ କହୁଛନ୍ତି: *ଇନ୍‌ଲ୍ଲାଃହା ଯାମୁରୁ ବିଲ୍ ଅଦ୍‌ଲେ ୱଲ୍ ଏହ୍‌ସାନ..... (ନହଲ୍:୯୧)* ନ୍ୟାୟ ଏପରି ଏକ ବସ୍ତୁ, ସେଥିରୁ ସମସ୍ତଙ୍କୁ ଲାଭ ଉଠାଇବା ଉଚିତ । ହଜ୍‌ରତ୍ ମସିହ୍ (ଆ:ସ)ଙ୍କ ଏପରି ଶିକ୍ଷା ଦେବା ଅର୍ଥାତ୍ ଯଦି ତୁ ଖରାପ ଦୃଷ୍ଟିରେ ଦେଖିବୁ ତେବେ ଆଖି ବାହାର କରି ଦେ । ଏଥିରେ ମଧ୍ଯ (ମନୁଷ୍ୟକୁ ପ୍ରଦାନ କରାଯାଇଥିବା ପ୍ରାକୃତିକ) ଶକ୍ତିର ମୁଳୋତ୍ପାଟନ ହେବ । କାରଣ ସେ (ଅର୍ଥାତ୍ ଇସା ମସିହ୍) ଏପରି ଶିକ୍ଷା ଦେଇ ନାହାନ୍ତି ଯେ ତୁ ଗୈର୍ ମହ୍‌ରମ୍ (ଅର୍ଥାତ୍ ଅନ୍ୟ) ମହିଳା ମାନଙ୍କୁ କଦାପି ଦେଖ ନାହିଁ । କିନ୍ତୁ ଏହାର ଓଲଟା ଏ ଅନୁମତି ଦେଇଛନ୍ତି ଯେ ନିଶ୍ଚିତ ରୂପେ ଦେଖ କିନ୍ତୁ ବ୍ୟଭିଚାର ଦୃଷ୍ଟିରେ (ଅର୍ଥାତ୍ ଖରାପ ଦୃଷ୍ଟିରେ) ଦେଖ ନାହିଁ । ଦେଖିବାକୁ ତ ମନା କରାଯାଉନାହିଁ । ଦେଖିବ ତ ନିଶ୍ଚୟ, ଦେଖିବା ପରେ ଏକଥା ପରଖିବା ଉଚିତ କି ତା ପ୍ରାକୃତିକ ଶକ୍ତି ଉପରେ ଏହାର କଣ ପ୍ରଭାବ ପଡ଼ିବ । କାହିଁକି ପବିତ୍ର କୋରାନ୍‌ର (ଶିକ୍ଷା) ମୁତାବକ ଆଖିକୁ ପଥଭ୍ରଷ୍ଟ କରୁଥିବା ବସ୍ତୁକୁ ଦେଖିବାକୁ ରୋକିଲା ନାହିଁ । ଏ ଆଖିପରି ଲାଭଦାୟକ ଓ ମୁଲ୍ୟବାନ ବସ୍ତୁକୁ ନଷ୍ଟ କରିଦେବାର ଦୁଃଖ ନ କଲା ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯ ରୁ ୨୧)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୭ର ଅବଶିଷ୍ଟାଂଶ ......*

ବାସସ୍ଥାନ ଏଥିରେ ସେ ମହାଶୟା କହିଲେ ଯେ, ତାଙ୍କ ମା' ଗୋଟେମାଲାଠାରେ ସମାଧି ପାଇଛନ୍ତି । ସେ ମହାଶୟା ଏକଥା ରେ ଜୋର୍ ଦେଲେ ଯେ, ଲସ୍ ଏଞ୍ଜେଲ୍ସ (ଆମେରିକା) ରେ ବସବାସ କରୁଥିବା ଗୋଟେମାଲନ୍ ନିବାସୀମାନଙ୍କ ପର୍ଯ୍ୟନ୍ତ ଡ଼ାକ୍ତରଖାନାର ପରିଚୟ ପହଂଚାଇ ଦିଆଯାଉ ଯଦ୍ୱାରା ସେମାନ ହ୍ୟୁମାନିଟି ଫାଷ୍ଟର କାର୍ଯ୍ୟ ଏବଂ ସେବା ସମ୍ବନ୍ଧରେ ଅବଗତ ହୋଇପାରିବେ ।

ଏହା ପରେ ଡେପ୍ୟୁଟି ଚିଫ୍ ମିଶନ୍ ଆମେରିକାନ୍ ଆମ୍ବାସି ଗୋଟେମାଲା ଡେଭିଡ୍ ହଜ୍ ସାହେବ କହିଲେ କି, ''ୟୁ.ଏସ୍. ଏଡ୍‌ସ'' ଏ ଇଲାକାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଅର୍ଥ ସାହାଯ୍ୟ କରୁଛି, ଏ କଥା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଶିକ୍ଷା ଉପରେ ଯେଉଁ ଖର୍ଚ୍ଚ କରାଯାଉଛି ତାହା ଗୋଟେମାଲାକୁ ଏପରି ଉନ୍ନତି ପ୍ରଦାନ କରିବ ଯେ, ଏଠିକାର ସଦସ୍ୟମାନଙ୍କୁ ଆମେରିକା ଯିବାର କୌଣସି ଆବଶ୍ୟକ ରହିବ ନାହିଁ ।

ଏହା ପରେ ୟୁ.ଏସ୍. ଏଡ୍ ଡେପ୍ୟୁଟି ଚିଫ୍ ମିଶନ୍ ଅନୁପା ସାହିବା ବତାଇଲେ ଯେ, ସେ ଏବେ ନିକଟରେ ହିଁ ନିଜର କାର୍ଯ୍ୟଭାର ସମ୍ଭାଳିଛନ୍ତି ଓ ସେ ନାସିର୍ ହସ୍ପିଟାଲ୍‌ର ଉଦ୍‌ଘାଟନି ଉତ୍ସବରେ ସାମିଲ ହୋଇ ବହୁତ ଖୁସି ଅଛନ୍ତି । ସେ ମହାଶୟା ବତାଇଲେ ଯେ, ତାଙ୍କର ଟିମ୍ ନାସିର ହସ୍ପିଟାଲ୍‌କୁ ଗସ୍ତ କରିଛି ଓ ହ୍ୟୁମାନିଟି ଫାଷ୍ଟର ଗୋଟିଏ ପ୍ରତିନିଧିମଣ୍ଡଳ ମଧ୍ଯ ଆମେରିକିୟ ଆମ୍ବାସିକୁ ଗସ୍ତ କରିଛି ।

ପ୍ରତିନିଧିମଣ୍ଡଳର ଜଣେ କର୍ମୀ ବତାଇଲେ ଯେ, ନାସିର ହସ୍ପିଟାଲର ହ୍ୟୁମାନିଟି ଫାଷ୍ଟ ଟିମ୍ ଗୋଟିଏ ତିନିବର୍ଷୀୟ ସାହାଯ୍ୟ ମୁଳକ ଦରଖାସ୍ତ ପ୍ରସ୍ତୁତ କରିଛି ଫଳତଃ ଟେଲି ମେଡ଼ିସିନ୍ ର ଏପରି ମୁଳଦୁଆର ଢ଼ାଂଚା ପ୍ରସ୍ତୁତ କରାଯାଇପାରିବ ଯିଏ ଶିକ୍ଷା କାର୍ଯ୍ୟାଳୟଗୁଡ଼ିକ ସହିତ ମିଶି କାମ କରିପାରିବେ । ୟୁ.ଏସ୍. ଏଡ୍ ତରଫରୁ ସେ ଏହି ଟିମ୍ ସହିତ ମିଶି ଉକ୍ତ ଦରଖାସ୍ତ ଉପରେ କାର୍ଯ୍ୟ କରୁଛନ୍ତି ।

ଆମେରିକୀୟ ପ୍ରତିନିଧିମଣ୍ଡଳ ସହିତ ସାକ୍ଷାତକାର ସମୟରେ ବ୍ରିଟେନ୍ ଆମ୍ବାସିର ଡ଼େପ୍ୟୁଟି ଚିଫ୍ ଅଫ ମିଶନ୍ Hon'ble Barbra Amono Oceng Sb (Dy. Head Office Mission British Ambassy Gotemala) ମଧ୍ଯ ଉପସ୍ଥିତ ଥିଲେ ।

ହଜୁର ଅନଓ୍ୱରଙ୍କ ପଚାରିବାରେ ସେହି ମହାଶୟା ବତାଇଲେ ଯେ, ସେ ଏକମାସ ହେବ ଏଠାରେ ଏହି ପଦବୀରେ ନିୟୋଜିତ ହୋଇଛନ୍ତି । ପୁଣି ସେ ନାସିର ହସ୍ପିଟାଲର ଉଦ୍‌ଘାଟନ ଉତ୍ସବ ଓ ହ୍ୟୁମାନିଟି ଫାଷ୍ଟର ସ୍ୱାସ୍ଥ୍ୟ ବିଭାଗରେ ବିଭିନ୍ନ ପ୍ରୋଜେକ୍ଟ ଗୁଡ଼ିକର ପ୍ରଶଂସା କଲେ ଓ ଆନନ୍ଦ ପ୍ରକାଶ କଲେ ।

ଆମେରିକୀୟ ପ୍ରତିନିଧିମଣ୍ଡଳଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ସାକ୍ଷାତକାର ୩.୫୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା ପରେ ପ୍ରତିନିଧିମଣ୍ଡଳର ସଦସ୍ୟମାନେ ଜଣ ଜଣ ହୋଇ ହଜୁର ଅନଓ୍ୱରଙ୍କ ସହିତ ଫଟୋ ଉଠାଇଲେ । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ଡ଼ାକ୍ତରଖାନାର ବ୍ୟାହ୍ୟ ଭାଗକୁ ଚାଲିଗଲେ ଯେଉଁଠି ହଜୁର ଅନଓ୍ୱର ଅ:ବ:ଅ ହ୍ୟୁମାନିଟି ଫାଷ୍ଟର ଧ୍ୱଜାକୁ ଉତଳନ କଲେ ଯେବେ କି ଗେଟେମାଲାର ସ୍ୱାସ୍ଥ୍ୟ ଉପମନ୍ତ୍ରୀ Hon'ble Mario Figueroa ଗୋଟେମାଲାର ଜାତୀୟ ଧ୍ୱଜାକୁ ଉତଳନ କଲେ ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ଏହା ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଡ଼ାକ୍ତରଖାନାର ବ୍ୟାହ୍ୟ କାନ୍ଥରେ ଲଗାଯାଇଥିବା ସ୍ମୃତି ଫଳକକୁ ଉନ୍ମୋଚନ କରି ଦୁଆ କରାଇଲେ ।

ଗୋଟେମାଲାଠାରେ ନାସିର ହସ୍ପିଟାଲର ସ୍ଥାପନର ସଂକ୍ଷିପ୍ତ ଇତିହାସ ଏପରି ରହିଛି ଯେ, ୨୦୧୨ ମସିହାରେ ଜମାତ୍ ଅହେମଦୀୟା ଆମେରିକାର ଜଲ୍‌ସା ସାଲନାରେ ଜମାତ୍ ଅହେମଦୀୟା ଗୋଟେମାଲାର ୬ଜଣ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଯୋଗ ଦେଇଥିଲା । ସାକ୍ଷାତକାର ସମୟରେ ଡେଭିଡ୍ ଗୋଞ୍ଜାଲିସ୍ ସାହେବ ଗୋଟେମାଲାଠାରେ ଗୋଟିଏ ଡ଼ାକ୍ତରଖାନା ନିର୍ମାଣର ଯୋଜନା ସମ୍ବନ୍ଧରେ ଚର୍ଚ୍ଚା କଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କ ଠାରୁ ପଚାରି ବୁଝିଲେ ଯେ, ଏହି ଯୋଜନାରେ କେତେ ଖର୍ଚ୍ଚ ଆସିବ ଏଥିରେ ହଜୁରଙ୍କୁ କୁହାଗଲା ଯେ, ଏହି ପ୍ରୋଜେକ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ କରବା ପାଇଁ ଏକ ମିଲିୟନ୍ ଡଲାରର ଆବଶ୍ୟକ ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଠିକ୍ ଅଛି ଏହାର ବ୍ୟବସ୍ଥା ଇନ୍‌ଶାଅଲ୍ଲାଃ ହୋଇଯିବ ।

ଏହାପରେ ଜଲ୍‌ସା ସାଲନା ୟୁକେ ୨୦୧୩ ମସିହାରେ ଜମାତ୍ ଅହେମଦୀୟା ଗୋଟେମାଲାର ପ୍ରତିନିଧିମଣ୍ଡଳ ଯୋଗ ଦେଇଥିଲା । ସେଥିରେ ପାର୍ଲାମେଂଟର ସଦସ୍ୟ Mr. Sergio Celis Sb ମଧ୍ଯ ସାମିଲ ହୋଇଥିଲେ । ସାକ୍ଷାତକାର ସମୟରେ ହସ୍ପିଟାଲର ପ୍ରୋଜେକ୍ଟ ବାବଦରେ ମଧ୍ଯ ଚର୍ଚ୍ଚା କରାଗଲା ଏଥିରେ ହଜୁର ଅନଓ୍ୱର ଅ:ବ:ଅ Mr. Sergio Celis Sb ଙ୍କୁ କହିଲେ ଯେ, ଯଦି ସରକାର ଜମି ଯୋଗାଇଦିଏ ତେବେ ଆମେ ହସ୍ପିଟାଲ ବନାଇଦେବୁ ସୁତରାଂ ଜଲ୍‌ସା ସାଲନାରୁ ଫେରିଆସିବା ସମୟରେ ମେମ୍ବର ପାର୍ଲାମେଂଟ ନିଜ ଇଲାକାର କସ୍‌ବା Alotenango ଠାରେ ଗୋଟିଏ ବିଲ୍ଡିଙ୍ଗ ଯାହାକୁ ମ୍ୟୁନିସିପାଲ୍‌ଟି ନିର୍ମାଣ କରାଇଥିଲା । କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ହସ୍ପିଟାଲ ନିମନ୍ତେ ସଂରକ୍ଷଣ କରିବାପାଇଁ ଚେଷ୍ଟା ଆରମ୍ଭ କରାଗଲା ଓ ମ୍ୟୁନିସିପାଲ୍‌ଟି ମଧ୍ଯ ଏ କଥାରେ ରାଜି ହୋଇଗଲା ଯେ, ଏହି ବିଲ୍ଡିଙ୍ଗକୁ ଡ଼ାକ୍ତରଖାନାରେ ପରିବର୍ତନ କରିଦିଆଯାଉ । କିନ୍ତୁ ଏହା ପରେ କିଛି କାରଣ ଯୋଗୁଁ ଏ ସ୍ଥାନରେ ଡ଼ାକ୍ତରଖାନା ନିର୍ମାଣ କରାଯାଇପାରିଲା ନାହିଁ ଓ ନିଜର ଗୋଟିଏ ଜମି କିଣି ବିଲ୍ଡିଙ୍ଗ ନିର୍ମାଣ କରିବାପାଇଁ ନିଷ୍ପତି ନିଆଗଲା ।

ହସ୍ପିଟାଲ୍‌ର ପ୍ରୋଜେକ୍ଟକୁ କାର୍ଯ୍ୟକ୍ଷମ କରାଇବା ନିମନ୍ତେ ହ୍ୟୁମାନିଟି ଫାଷ୍ଟ ଆମେରିକାର ପ୍ରତିନିଧିମଣ୍ଡଳ ବିଭିନ୍ନ ସମୟରେ ଗୋଟେମାଲା ଆସୁଥିଲେ । ସେମାନଙ୍କ ମଧରେ ମୁନ୍‌ଅମ୍ ନଇମ୍ ସାହେବ ଚେୟାରମ୍ୟାନ ହ୍ୟୁମାନିଟି ଫାଷ୍ଟ ଆମେରିକା, ଡ଼ାକ୍ତର ୱସିମ୍ ସୟଦ ସାହେବ, ଡ଼ାକ୍ତର କୁରେଶି ମେହମୁଦ୍ ଅହମଦ ସାହେବ, ଡ଼ାକ୍ତର ଖାଲିଦ ଅତା ସାହେବ, ଡ଼ାକ୍ତର ଅମୀନ୍ ବୁଖାରୀ ସାହେବ, ଡ଼ାକ୍ତର ଇମ୍‌ତିଆଜ୍ ଚୌଧୁରୀ ସାହେବ, ଡ଼ାକ୍ତର ଚୌଧୁରୀ ଅଶ୍ରଫ ମିଲୁ ସାହେବ, ଡ଼ାକ୍ତର ଅହସନ୍ ଖାନ୍ ସାହେବ, ଡ଼ାକ୍ତର ଆଗା ଖାନ୍ ସାହେବ ଏବଂ ଆହୁରି ଅନେକ ଡ଼ାକ୍ତରମାନେ ଯୋଗଦେଇଥିଲେ ।

ଜେନେରାଲ୍ ସେକ୍ରେଟାରୀ ଜମାତ୍ ଅହେମଦୀୟା ଗୋଟେମାଲା ଡେଭିଡ୍ ଗୋଞ୍ଜାଲିସ୍ ସାହେବ ଡ଼ାକ୍ତରଖାନା ନିମନ୍ତେ ଉପଯୁକ୍ତ ଜମି ଖୋଜିବା ପାଇଁ ବହୁତ ପରିଶ୍ରମ କରିଛନ୍ତି ଓ ଈଶ୍ୱରଙ୍କ ଦୟା ବଳରୁ ବଇତୁଲ୍ ଅଓ୍ୱଲଠାରୁ ୧୭ କିଲୋମିଟର ଦୁରତାରେ ହିଁ ବହୁତ ଉପଯୁକ୍ତ ସ୍ଥାନ କିଣି ନିଆଗଲା । ଡ଼ାକ୍ତରଖାନାର ନିର୍ମାଣ କାର୍ଯ୍ୟ ଯୋଜନାର ଦାୟିତ୍ୱ କ୍ୟାପଟେନ୍ ମାଜିଦ୍ ଖାନ୍ ସାହେବଙ୍କୁ ନ୍ୟସ୍ତ କରାଗଲା । ବିଭିନ୍ନ ଆର୍କିଟେକ୍ସ ଏବଂ ନିର୍ମାଣ କରୁଥିବା କଂପାନୀମାନଙ୍କ ସହିତ ଯୋଗାଯୋଗ ରଖାଗଲା ଓ ଗୋଟିଏ ପ୍ରସିଦ୍ଧ ଆର୍କିଟେକ୍ଟ Mr. Armando Mendoza ଙ୍କ ସେବା ନିଆଗଲା

(କ୍ରମଶଃ)

*(ବହଓ୍ୱାଲା ଅଖବାର ବଦର୍ ଉର୍ଦ୍ଦୁ ୧୪ ଫେବୃୟାରୀ ୨୦୧୯)*

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

## ୱକ୍ତ ଥା ୱକ୍ତେ ମସିହା ନା କିସି ଅଓର କା ୱକ୍ତ ମେଁ ନା ଆତା ତୋ କୋଇ ଅଓର ହି ଆୟା ହୋତା ।

ହଜରତ ମସିହ ମଉଦ ଅ.ସ କୁହନ୍ତି- ଯଦି ମୋର କୌଣସି ଘୋଷଣା କୁରଆନର (ଶିକ୍ଷା) ମୁତାବକ ନୁହେଁ ତେବେ ମୁଁ ତାହାକୁ ରଦି ଟୋକରୀରେ ନିକ୍ଷେପ କରିଦେବି ।

**"ତେବେ ମୁଁ ତାହା ସାଥିରେ ରହିବି ଯାହା ସହିତ ପବିତ୍ର କୁରଆନ ଅଛି"**

ହଜରତ ମସିହ ମଉଦ ଅ.ସ ଓ ହଜରତ ମୁସଲେହ ମଉଦ ର.ଅଙ୍କ ଶବ୍ଦରେ ସମୟର ଆବଶ୍ୟକତା, ମସିହ ମଉଦଙ୍କ ଆର୍ବିଭାବର ଗୁରୁତ୍ୱ, ହଜୁର ଅ.ସଙ୍କ ଯୁଗର ବିଶେଷତା, ଆପଣଙ୍କ ଆର୍ବିଭାବ ହେବା ସ୍ଥାନ, ଆପଣ ଆଦେଶିତ ହେବାର ପ୍ରମାଣ ତଥା ସତ୍ୟର ସନ୍ଧାନ ନିମନ୍ତେ ମାର୍ଗଦର୍ଶନ ନିମନ୍ତେ ହଜରତ ମସିହ ମଉଦଙ୍କର ଉଲ୍ଲେଖିତ ଲେଖାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଖିଲାଫତ୍‌ର ବିଶ୍ୱସ୍ତ, ପୁଣ୍ୟବନ୍ତ ବ୍ୟକ୍ତିତ୍ୱ ମୌଲାନା ଖୁରଶିଦ୍ ଅହମଦ୍ ଅନଓର ସାହେବ (ୱକିଲୁଲ୍ ମାଲ ତହରିକେ ଜଦିଦ୍), ଶ୍ରୀମାନ ତାହେର ହୁସେନ୍ ମୁନଶି ସାହେବ (ନାଏବ ଅମିର ଜମାଅତ ଅହମଦିୟା ଫିଜି) ଏବଂ ମାଲିର ନିଷ୍ପାପର ନିବାସୀ ଶ୍ରୀମାନ ମୁସା ସସ୍କୋ ସାହେବଙ୍କର ଦେହାନ୍ତରେ ସେମାନଙ୍କର ଚରିତ୍ରର ଉତମ ଚର୍ଚ୍ଚା ଓ ସେମାନଙ୍କର ନମାଜ ଜନାଯାଃ ଗାଏବ ପାଠ ।

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୨ ମାର୍ଚ୍ଚ ୨୦୧୯ ଅନୁଯାୟୀ ୨୨ ତବ୍‌ଲିଗ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- କାଲି ୨୩ମାର୍ଚ୍ଚ ଏବଂ ଉକ୍ତ ଦିବସ ଜମାଅତରେ ମସିହ ମଉଦ ଅ.ସ ରୂପେ ପାଳିତ କରାଯାଇଥାଏ । ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ଏହି ଦିବସରେ ଘୋଷଣା କରିଥିଲେ କି ମୁଁ ହିଁ ମସିହ ମଉଦ ଅର୍ଥାତ ପ୍ରତିଶୃତ ମସିହ ଯାହାର ଆଗମନ ସମ୍ପର୍କରେ ହଜରତ ମହମ୍ମଦ ସ.ଅ ଭବିଷ୍ୟବାଣୀ କରି (ପାରମ୍ପାରିକ ରୂପେ ନିଜ ଅନୁଗାମୀମାନଙ୍କ ଠାରୁ) ବୈଅତ ନେବାର ଶୁଭାରମ୍ଭ କରିଥିଲେ । ବର୍ତମାନ ମୁଁ ହଜରତ ମସିହ ମଉଦ ଅ.ସଙ୍କ କେତେକ ଆଦେଶ ଏବଂ କଥନ ଆପଣଙ୍କ ସମ୍ମୁଖରେ ଉପସ୍ଥାପନ କରିବି । ଯହିଁର ହଜରତ ମସିହ ମଉଦ ଅ.ସଙ୍କ ଆଗମନର ଆବଶ୍ୟକତା, ଯୁଗର ପରିସ୍ଥିତି ଓ ତାଙ୍କର ଘୋଷଣା ସମ୍ପର୍କିତ ଭବିଷ୍ୟବାଣୀ ଉପରେ ଆଲୋକପାତ କରିବି ।

ଏହି ଯୁଗ ଜଣେ ସୁଧାରକ ଓ ସଂସ୍କାରକର ପ୍ରବଳ ଆବଶ୍ୟକ କରୁଥିଲା କି ତାଙ୍କର ଆଗମନ ହେଉ । ଯେ ଜଳଚ୍ୟୁତ ନୌକାର ଉଦ୍ଧାର କରି ତାହାର ନିୟନ୍ତ୍ରିତ ରକ୍ଷା କରି ଆଗକୁ ନେଇଚାଲିବ । କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁମାନେ ପୂର୍ବେ ଉକ୍ତ ମସିହ ମଉଦଙ୍କ ଅପେକ୍ଷା କରି ବସିଥିଲେ ସେହି ମୁସଲମାନମାନଙ୍କ ମଧ୍ୟରୁ ଅନେକ ହଜରତ ମସିହ ମଉଦ ଅ.ସଙ୍କ ଘୋଷଣା କରିବା ଶୁଣି ତାଙ୍କ ବିରୋଧ କରିବା ଆରମ୍ଭ କରିଦେଲେ ଏବଂ ସାଧାରଣ ମୁସଲମାନମାନଙ୍କୁ ମିଥ୍ୟା କାହାଣୀ ଶୁଣାଇ ହଜରତ ମସିହ ମଉଦ ଅ.ସ ଏବଂ ତାଙ୍କ ଜମାଅତ ବିରୁଦ୍ଧରେ ଏଭଳି ଅପପ୍ରଚାର କଲେ ଯେ, ନାମକୁ ମାତ୍ର ମୌଲବି ବୋଲାଉଥିବା ଧର୍ମଗୁରୁଗଣ ଅହମଦିଙ୍କ ବିରୁଦ୍ଧରେ ଧର୍ମଜ୍ଞାନ ମୂଳକ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଲେ । ଆଜି ପର୍ଯ୍ୟନ୍ତ ଅହମଦିମାନଙ୍କ ଉପରେ କେତେକ ସ୍ଥାନରେ ଇସଲାମ ନାମରେ ଅତ୍ୟାଚାର, ବର୍ବରତା ଓ ସେମାନଙ୍କ ପ୍ରାଣ ନାଶ କରିବା ଭଳୁ ଭୟାବହ ଓ ଆମାନୁଷିକ ହରକତ ଦେଖିବାକୁ ମିଳୁଅଛି । ଇସଲାମ ଧର୍ମର ବାସ୍ତବିକତା ସମ୍ପର୍କରେ ଅବଗତ ଥିବା ଲୋକମାନେ ଏପରି କଦାଚିତ ଚିନ୍ତା କରିପାରିବେ ନାହିଁ ତଥା ସେମାନେ ଏପରି ଦୁଷ୍କୃତ୍ୟମୂଳକ ଆଚରଣ ପ୍ରଦର୍ଶନ କରିବେ ନାହିଁ । ଏହାର ଚର୍ଚ୍ଚା କରି ହଜୁର ଅନଓ୍ୱର ଅ.ବ କୁହନ୍ତି କି ହଜରତ ମସିହ ମଉଦ ଅ.ସଙ୍କ ଆଗମନର ଉଦ୍ଦେ୍ୟ ଓ ଆବଶ୍ୟକତା କଣ ? ଅଲ୍ଲାଃତାଲା କୁରଆନ୍ କରିମ୍‌ରେ ବର୍ଣ୍ଣନା କରିଛନ୍ତି ଇସ୍ରାଇଲି ଓ ଇସମାଇଲି ନାମକ ଦୁଇଟି ଗୋଷ୍ଠୀରେ ଖିଲାଫତ୍‌ର ସାଦୃଶ୍ୟତା ସମ୍ପର୍କରେ ସ୍ପଷ୍ଟ କରି ଇଙ୍ଗିତ କରିଛନ୍ତି କି **ୱାଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ ଆମିଲୁସ୍ ସାଲି ହାତି ଲୟସ୍ ତଖଲିଫନ୍ନହୁମ୍ ଫିଲ୍ ଅରଜେ କମସ ତଖଲଫ୍ ଲଜିନା ମିନ୍ କବ୍ ଲିହିମ୍** (ସୁରେ ନୁର-୫୬) ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ଆଣିବା ସହ ସମୁଚିତ କର୍ମ ସମ୍ପାଦନ କରିଥାନ୍ତି ସେମାନଙ୍କ ସହ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ, ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ । ଯେପରି ସେମାନଙ୍କ ପୂର୍ବଜମାନଙ୍କ ମଧ୍ୟରେ ଖଲିଫା କରିଥିଲେ । ହଜୁର ଅନଓ୍ୱର ଅ.ବ କହିଲେ- ଇସ୍ରାଇଲି ଗୋଷ୍ଠୀ ଶେଷ ଖଲିଫା ଯିଏକି ଇର୍ତୁଦଶ ଶତାବ୍ଦୀ ପରେ ହଜରତ ମୁସା ଅ.ସଙ୍କ ପରେ ଆସିଥିଲା ସେ ହଜରତ ମସିହ ନାସରୀ ଥିଲେ । ସୁତରାଂ ତୁଳନାତ୍ମକ ରୂପେ ଏହା ସୁନିଶ୍ଚିତ ଯେ, ଏହି ଇସାଇଲି ଗୋଷ୍ଠୀ ମସିହ ମଉଦଙ୍କ ଚତୁର୍ଦଶ ଶତାବ୍ଦୀର ଶୀର୍ଷରେ ଆବିର୍ଭାବ ହେବ । ଏହା ବ୍ୟତୀତ କଶ୍‌ଫ (ଦିବ୍ୟ ସ୍ୱପ୍ନ)ମାନ ଏହି ଶତାବ୍ଦୀକୁ ମସିହ ମଉଦ ଅ.ସଙ୍କ ଆର୍ବିଭାବ ଅଭିହିତ କରୁଅଛି । ଯେପରି ହଜରତ ଶାହ୍ ୱଲିଉଲ୍ଲାଃ ସାହେବ ଆସିଙ୍କ ପରି ମୁସଲେହ୍ (ସୁଧାରକ) ହଜରତ ମସିହ ମଉଦ ଅ.ସଙ୍କ ଆବିର୍ଭାବ ସମ୍ପର୍କରେ ସହମତ ପ୍ରକାଶ କରିଛନ୍ତି । ଅଲାମାତେ ସୁଗରା (କ୍ଷୁଦ୍ର ନିଦର୍ଶନ)ର ସମଷ୍ଟି ଏବଂ ଅଲାମାତେ କୁବରା (ବଡ଼ ନିଦର୍ଶନ) ଗୋଟିଏ ଦୃଷ୍ଟି କୋଣରୁ ପୂରଣ ହୋଇଯାଇଛି । ସେ ଯାହା ହେଉ ନା କାହିଁକି ହଜରତ ମସିହ ମଉଦ ଅ.ସ ବର୍ଣ୍ଣନା କରନ୍ତି ଯେ, ମସିହ ମଉଦଙ୍କ ଆଗମନ ସମ୍ପର୍କିତ ନିଦର୍ଶନ ପୂରଣ ହୋଇଯାଇଛି । ଆଗମନକାରୀ ମସିହ ମଉଦଙ୍କ ନିଦର୍ଶନ ଏହି କି ଯେ, ଏହି ଯୁଗରେ ରମଜାନ ମାସରେ କୁସୁଫ୍ ଖୁସୁଫ୍ ଅର୍ଥାତ ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗ ଭବିଷ୍ୟବାଣୀର ଧାର୍ଯ୍ୟ ସମୟରେ ଘଟିବ । ହଜୁର ଅ.ସ ବର୍ଣ୍ଣନା କରନ୍ତି ସୂର୍ଯ୍ୟ ପରାଗ ଓ ଚନ୍ଦ୍ର ଗ୍ରହଣ ସେହି ପ୍ରତିଶୃତ ମସିହଙ୍କ ଘୋଷଣା କରିବା ଅନ୍ତେ ଘଟିବ । ଏଭଳି ଘଟିବା କୌଣସି ସାଧାରଣ କଥା ନୁହେଁ, ନା ପୂର୍ବରୁ ଏପରି କୌଣସି ଘଟଣା ଘଟିଛି । ଏହା ଏକ ଏପରି ନିଦର୍ଶନ ଯଦ୍ୱାରା ଅଲ୍ଲାଃତାଲାଙ୍କୁ ସମଗ୍ର ପୃଥିବୀରେ ଆଗମନକାରୀର ଉଦଘୋଷଣା କରିବାର ଥିଲା । ସୁତରାଂ ଆରବବାସୀ ମଧ୍ୟ ଏହି ନିଦର୍ଶନକୁ ଦେଖି ନିଜର ପରିହାସ ଅନୁଯାୟୀ ସଠିକ୍ ବୋଲି କହିଲେ । ହଜରତ ମସିହ ମଉଦ ଅ.ସ କୁହନ୍ତି- ଆମର ବିଜ୍ଞପ୍ତି ଉଦାହରଣକାରୀ ରୂପେ ଯେଉଁଠି ପହଂଚିପାରୁ ନଥିଲେ ସେଠାରେ ସେତେବେଳେ ଏହି ସୂର୍ଯ୍ୟ ଓ ଚନ୍ଦ୍ର ହିଁ ଆଗମନକାରୀ ସମ୍ପର୍କରେ ଉଦଘୋଷଣା କଲେ । ଅତଃ ଏହା ସେହି ଈଶ୍ୱରଙ୍କର ନିଦର୍ଶନ ଯାହାକି ମନୁଷ୍ୟର ଯୋଜନାରୁ ସମ୍ପୂର୍ଣ୍ଣ ପବିତ୍ର ଓ ସ୍ୱତନ୍ତ୍ର । ହଜରତ ମହମ୍ମଦ ସ.ଅ ଏହା ମଧ୍ୟ କହିଲେ ଆଦମ ଅ.ସଙ୍କ ଆରମ୍ଭ କରି ମସିହଙ୍କ ଆଗମନ ପର୍ଯ୍ୟନ୍ତ ଏମିତି କୌଣସି ଘଟଣା ଘଟି ନାହିଁ । ଯଦି କୌଣସି ବ୍ୟକ୍ତି ଏହା ପ୍ରମାଣିତ କରି ଦେଖାଇ ଦିଏ ତେବେ ଆମ୍ଭେ ସ୍ୱୀକାର କରିନେବୁ ।

ପୁନଶ୍ଚ ହଜୁର ଅ.ସ କୁହନ୍ତି- ଅନ୍ୟ ଏକ ନିଦର୍ଶନ ହେଉଛି ମସହ ମଉଦଙ୍କ ସମୟ କାଳରେ ହୁସ୍ ସିନ୍ନେିନ ନାମକ ତାରକାର ଉଦୟ ହେବ । ଅର୍ଥାତ ସେହି ତାରକା ଯାହାକି ହଜରତ ଯୀଶୁ ଖ୍ରୀଷ୍ଟଙ୍କ ସମୟରେ ଉଦିତ ହୋଇଥିଲା । ବର୍ତମାନ ସେହି ତାରକା ମଧ୍ୟ ଉଦୟ ହୋଇଗଲା । ପବିତ୍ର କୁରଆନ୍‌ରେ ମଧ୍ୟ ଉଲ୍ଲେଖ ରହିଛି **ୱଇଜାଲ୍ ଇଶାରୁ ଉତିଲତ୍ ୱଇଜଲ୍ ଉହୁଶୁ ହୁଶିରତ୍ ୱଇଜଲ୍ ବିହାରୁ ସୁଜିରତ୍ ୱଇଜଲ୍ ନୁଫୁସୁ ଜୁୱିଜତ୍ ୱଇଜଲ୍ ମଉଦତୁ ସୁଇଲତ୍ ବି ଅୟୌଜନବିନ୍ କୁତିଲତ୍ ୱଇଜ୍ ସହୁଫୁ ନୁଶିରତ୍** (ସୁରେ ତକ୍‌ୱିର୍-୫ରୁ ୧ ୧) ଅର୍ଥାତ ଯେତେବେଳେ ଦଶ ମାସର ଗର୍ଭବତୀ ଓଟମାନଙ୍କୁ ପରିତ୍ୟାଗ କରାହେବ । ଯେତେବେଳେ ବନ୍ୟପ୍ରାଣୀ ଏକତ୍ରିତ କରାହେବେ । ଯେତେବେଳେ ନଦୀଗୁଡ଼ିକୁ ଅନ୍ୟ ନଦୀ ସହିତ ମିଶାଇ ଦିଆଯିବ । ଯେତେବେଳେ

ବିଭିନ୍ନ ଲୋକମାନଙ୍କୁ ଏକତ୍ରିତ କରା ହେବ । ଯେତେବେଳେ ଜୀବନ୍ତ ପୋତି ଦିଆଯାଇଥରବା (କନ୍ୟା) ବିଷୟରେ ପ୍ରଶ୍ନ ହେବ । ଯେ କେଉଁ ଅପରାଧରେ ତାହାକୁ ବଧ କରାଯାଇଥିଲା ? ଯେତେବେଳେ ପୁସ୍ତକଗୁଡ଼ିକର ପ୍ରସାରଣ ହେବ ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ପଂକ୍ତି କୁରଆନ କରିମ୍‌ର ଗୋଟିଏ ଗୋଟିଏ ଭବିଷ୍ୟବାଣୀ । କାରଣ ବନ୍ୟ ପ୍ରାଣୀମାନଙ୍କୁ ଏକତ୍ରିତ କରାଯିବାର ବ୍ୟାଖ୍ୟା ହେଲା, ଚିଡ଼ିଆ ଖାନାର ପ୍ରତିଷ୍ଠା କରିବା । ଶିକ୍ଷା ସର୍ବସାଧାରଣରେ ଗୃହୀତ ହୋଇ ସଂସାରରେ ବିସ୍ତାରିତ ହୋଇଗଲାଣି । କେତେକ ସ୍ଥାନୀୟ ଲୋକମାନଙ୍କୁ କେତେକ ସମ୍ପ୍ରଦାୟମାନେ ଆକ୍ରମଣ କରି ସେମାନଙ୍କର ମୂଳୋତ୍ପାଟନ କଲେ । ପୁନଶ୍ଚ ନଦୀ ଓ ସମୁଦ୍ରକୁ ପ୍ରବାହିତ କରି ସେମାନଙ୍କୁ ନଦୀ ଓ ସମୁଦ୍ର ସହିତ ଏକତ୍ରିତ କରିବାର ଭବିଷ୍ୟବାଣୀ କୁରଆନ୍‌ରେ ଉଲ୍ଲେଖ ରହିଛି । ସେତେବେଳେ ନାରୀ ଉପରେ ଯେଉଁ ଅତ୍ୟାଚାର ହେଉଥିଲା ତାହାର ପ୍ରତିବାଦରେ ସେ ପ୍ରଶ୍ନ କରିବ କି କେଉଁ କାରଣ ହେତୁ ମୋତେ ବଧ କରାଯାଉଛି । ପୁସ୍ତକଗୁଡ଼ିକର ସଂପ୍ରସାରଣ କରାହେବ । ଅର୍ଥାତ ସମ୍ବାଦ ଗଣମାଧ୍ୟମର ବହୁଳ ଭାବରେ ପ୍ରସାର ଘଟିବ । ସୁତରାଂ ଉପରୋକ୍ତ ସମସ୍ତ ଭବିଷ୍ୟବାଣୀ ପ୍ରମାଣିତ କରୁଅଛି ଯେ, ଏହି ଯୁଗ ମସିହ ମଉଦ ଅ.ସଙ୍କ ଯୁଗ ଅଟେ ଏବଂ ପବିତ୍ର କୁରଆନ ତତସମ୍ପର୍କିତ ଭବିଷ୍ୟବାଣୀର ଉଲ୍ଲେଖ ରହିଛି ।

ପୁନଶ୍ଚ ଅତିରିକ୍ତ ନିଦର୍ଶନ ନିଦର୍ଶନ ସମ୍ପର୍କରେ ହଜରତ ମସିହ ମଉଦ ଅ.ସ ବର୍ଣ୍ଣନା କରନ୍ତି– ବିଭିନ୍ନ ପ୍ରକାରର ବିପଦର ଆଗମନ ହେବେ ଏବଂ ଅତ୍ୟଧିକ ଦୁର୍ଘଟଣା ଘଟିବ । ଆକାଶୀୟ ବିପତି ଦୁର୍ଭିକ୍ଷ, ପ୍ଲେଗ୍ ଓ ହଇଜାର ରୂପ ଧାରଣ କଲା । ପ୍ଲେଗ୍ ଏକ ଏପରି ମାରାତ୍ମକ ରୋଗ ଯିଏକି ଇଂଗ୍ରେଜ ସରକାରଙ୍କୁ ପ୍ରକମ୍ପିତ ଓ ଆନ୍ଦୋଳିତ କରିଦେଇଥିଲା । ତେଣୁ ମାମୁର ମିନଲ୍ଲାଃଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ ଯେ, ସେ ନିଜର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆକାଶୀୟ ପ୍ରମାଣ ଲୋକମାନଙ୍କ ନିକଟରେ ଉପସ୍ଥାପନ କରୁ । ହଜୁର ଅ.ସ କହିଲେ ଲେଖରାମର ନିଦର୍ଶନ କଣ କମ୍ ଥିଲା ଯେ, ସେଥି ସହ ତାହାର ସଂହାର ସ୍ୱରୂପ ଗୋଟିଏ ସର୍ତ ଯୋଡ଼ି ହୋଇରହିଥିଲା । ପୁଣି ଏକ ଘଟଣା ଘଟିଲା ଯେପରି କୁହାଯାଏ, ଏହାର ଉପରି ଅନ୍ୟ କୌଣସି ଦୃଷ୍ଟାନ୍ତ ରହିଛି କି ? ପିନଶ୍ଚ ଧର୍ମ ମହୋଶ୍ଚବ ସମ୍ପର୍କରେ ମଧ ଅଲ୍ଲାଃତାଲା ଅନେକ ଦିନ ପୂର୍ବରୁ ଆମକୁ ସୂଚିତ କରିଦେଇଥିଲେ କି ଆମ୍ଭର ଲେଖା ସମସ୍ତଙ୍କ (ଲେଖା) ଉପରେ ପ୍ରଧାନ୍ୟ ଲାଭ କରିବ । ତେଣୁ ଯେଉଁ ଲୋକମାନେ ଏହି ମହାନ ଓ ଭବ୍ୟ ନିଦର୍ଶନକୁ ଦେଖିଛନ୍ତି ସେମାନେ ସ୍ୱୟଂ ଚିନ୍ତା କରିପାରିବେ ଯେ, ଏପରି ଜଲସାରେ ଜୟଯୁକ୍ତ ହେବାର ଭବିଷ୍ୟତବାଣୀ ସମୟ ପୂର୍ବରୁ ଘୋଷଣା କରିବା କୌଣସି ଅନୁମାନ ଅବା କଳ୍ପନା ନୁହେଁ । ବରଂ ସମ୍ପୂର୍ଣ୍ଣ ଐଶ୍ୱୀବାଣୀ ଉପରେ ଆଧାରିତ । ଏବଂ ସେହିପରି ହିଁ ପ୍ରକାଶ ପାଇଲା ଯେପରିକି ପୂର୍ବରୁ କୁହାଯାଇଥିଲା ଯେ, ଅଲ୍ଲାଃତାଲା ଆମ୍ଭକୁ ଅନ୍ୟ ବ୍ୟକ୍ତିଙ୍କ ଲେଖନୀ ତୁଳନାରେ ଜୟଯୁକ୍ତ କରାଇବେ । ଏହି ଲେଖନୀ ସମ୍ପର୍କରେ ଲୋକମାନେ ନିଜ ପ୍ରତିକ୍ରିୟା ମଧ ପ୍ରକାଶ କଲେ କି ବାସ୍ତବରେ ମିର୍ଜା ସାହେବଙ୍କ ଲେଖନୀ ସର୍ବଶ୍ରେଷ୍ଠ ଅଟେ ।

ପୁନଶ୍ଚ ହଜରତ ମସିହ ମଉଦ ଅ.ସ ଈଶ୍ୱରଙ୍କ ନିକଟରୁ ଆଦେଶିତ ହେବାର ପ୍ରମାଣ ଦର୍ଶାଇ କୁନ୍ତି ବର୍ତମାନ ମୋର ମାମୁର୍ ହେବାର ଅନେକ ପ୍ରମାଣମାନ ରହିଛି । ସର୍ବପ୍ରଥମ ହେଲା ଅନ୍ତଃ ପ୍ରମାଣ (୨) ବାହ୍ୟ ପ୍ରମାଣ (୩) ଶତାବ୍ଦୀ ଶୀର୍ଷରେ ଆଗମନକାରୀ ସଂସ୍କାରକ ସମ୍ପର୍କରେ ହଦିସ ସହୀରେ ପ୍ରମାଣ ଦେଖିବାକୁ ମିଳେ (୪) **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍ରା ଓ୍ୱଇନ୍ନା ଲହୁ ଲହାଫିଜୁନ୍** ସୁରକ୍ଷାର ପ୍ରତିଶୃତି (୫) ସବୁଠାରୁ ବଳିଷ୍ଠ ପ୍ରମାଣ ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ ଦର୍ଶାଇଛନ୍ତି **ଓ୍ୱାଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ଓ୍ୱ ଆମିଲୁସ୍ ସାଲି ହାତି ଲୟସ୍ ତଖଲିଫନ୍ନହୁମ୍ ଫିଲ୍ ଅରଜେ କମସ ତଖଲଫ୍ ଲଜିନା ମିନ୍ କବ୍ ଲିହିମ୍** (ସୁରେ ନୁର–୫୬) ।

ଉପରୋକ୍ତ ଆୟତରେ ଖିଲାଫତ୍‌ର ପ୍ରତିଶୃତି ଅନୁଯାୟୀ ହଜୁର ସ.ଅଙ୍କ ସମ୍ପ୍ରଦାୟରେ ଯେ ଖଲିଫା ହେବେ ସେମାନେ ପୂର୍ବ ଖଲିଫାଙ୍କ ପରି ହେବେ । ସେହିପରି କୁରଆନ୍ କରିମ୍‌ରେ ହଜୁର ସ.ଅଙ୍କୁ ହଜରତ ମୁସା ଅ.ସଙ୍କ ପରି ସାଦୃଶ୍ୟତା ରଖୁଥିବେ ବୋଲି କୁହାଯାଇଛି । ଯେପରି ଅଲ୍ଲାଃତାଲା କୁରଆନ୍ କରିମ୍‌ରେ ବର୍ଣ୍ଣନା କରନ୍ତି ଯେ, **ଇନ୍ନ ଅର୍‌ସଲ୍‌ନା ଇଲୈକୁମ୍ ରସୁଲନ୍ ଶାହିଦନ୍ କମା ଅର୍‌ସଲ୍‌ନା ଇଲା ଫିର୍ ଅଓ୍‌ନା ରସୁଲା** (ସୁରେ ମୁଜମିଲ୍–୧୭) ଅର୍ଥାତ ହେ ଲୋକମାନେ ତୁମମାନଙ୍କ ନିକଟକୁ ଏପରି ଜଣେ ରସୁଲଙ୍କୁ ପ୍ରେରଣ କରିଅଛୁ ଯେ ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି । ଯେପରି ଆମେ ଫିରଓନ ନିକଟକୁ ରସୁଲ ପ୍ରେରଣ କରିଥିଲୁ । ଏହି ସାଦୃଶ୍ୟତାରେ ଯେପରି କମା ଶଦ୍ଦ ବ୍ୟବହାର ହୋଇଛି ଠିକ୍ ସେହିପରି ଦୁରା ନୁର୍‌ରେ କମା ଶଦ୍ଦ ବ୍ୟବହାର ହୋଇଛି ଯାହାକି ସ୍ପଷ୍ଟ ରୂପେ ଏହା ପ୍ରମାଣ କରୁଅଛି କି ମୁସାଙ୍କ ସମ୍ପ୍ରଦାୟରେ ଖଲିଫାଙ୍କ ଆଗମନର ପରିସମାପ୍ତି ହଜରତ ଇସା ଅ.ସଙ୍କ ଆଗମନ ଦ୍ୱାରା ଘଟିଥିଲା ଏବଂ ହଜରତ ମୁସା ଅ.ସଙ୍କ ପରେ ଚତୁର୍ଦଶ ଶତାବ୍ଦୀରେ ତାଙ୍କର ଆର୍ବିଭାବ ହୋଇଥିଲା । ଏହି ଅନୁନ୍ୟ ସାଦୃଶ୍ୟ ଅନୁଯାୟୀ ଏହା ଆବଶ୍ୟକ ଯେ, ଚର୍ତୁଦଶ ଶତାବ୍ଦୀରେ ହଜରତ ମହମ୍ମଦ ସ.ଅଙ୍କ ଅନ୍ତେ ଠିକ୍ ଚର୍ତୁଦଶ ଶତାବ୍ଦୀରେ ଏହି ସମ୍ପ୍ରଦାୟରେ ମଧ ଜଣେ ଇସା ମସିହଙ୍କର ଆର୍ବିଭାବ ହେବା ଉଚିତ୍ ଯେ କି ମୁସଓି ସିଲସିଲାର ମସିହ ଓ ମେହଦିଙ୍କ ସହ ସାଦୃଶ୍ୟତା ରଖୁଥିବେ ଏବଂ ତାଙ୍କର ପଦାଙ୍କ ଅନୁସରଣ କରୁଥିବେ ।

ହଜୁର ଅନଓ୍ୱର ଅ.ବ କହିଲେ– ବର୍ତମାନ ମୁଁ ନିୟୁଜିଲ୍ୟାଣ୍ଡରେ ଘଟିଥିବା ବର୍ବର ହତ୍ୟା କାଣ୍ଡର ଚର୍ଚ୍ଚା କରିବି । ଯାହାକି ଗତ ଶୁକ୍ରବାର ଦିନ କହିଥାନ୍ତି କିନ୍ତୁ ଭାଗ୍ୟବଶତଃ ତାହା ମୋ ମସ୍ତିଷ୍କରୁ ଲିଭି ଯାଇଥିଲା । ସେ ଜାହା ହେଉ ନା କାହିଁକି ଏହି ଘଟଣା ପରେ ମୁଁ ଏକ ସାମ୍ବଦିକ ସମ୍ମିଳନୀର ଆୟୋଜନ ପାଇଁ ।ଦେଶ ଦେଇଥିଲି ଏବଂ ଜମାଅତ୍ ତରଫରୁ ଏହି ଘଟଣାର ନିନ୍ଦା ଏବଂ ଶୋକ୍ତ ବ୍ୟକ୍ତ କରାଯାଇଥିଲା । ଏହି ଘଟଣାରେ ଅନେକ ନିରିହ ଲୋକମାନେ ଛୋଟ ପିଲାମାନେ ଧାର୍ମିକ ସମ୍ପ୍ରଦାୟିକତା କାରଣ ଯୋଗୁଁ ବଳୀ ପିଡ଼ିଥିଲେ ଏବଂ ପ୍ରାଣ ହରାଇ ଥିଲେ ତଥା ବୀର ଗତି ପ୍ରପ୍ତ କରିଥିଲେ ଅଲ୍ଲାଃତାଲା ସେହି ସମସ୍ତ ବୀରଗତି ପ୍ରାପ୍ତ କରିଥିବା ଲୋକମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ତାଙ୍କର ବନ୍ଧୁ ଓ ପରିବାରଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ (ଆମିନ୍) । ଇତ୍ୟବସରରେ କେତେକ କଥା ମଧ ସାମନାକୁ ଆସିଥିଲା ଯେ, ନ୍ୟୁୟୁଜିଲ୍ୟାଣ୍ଡ ସରକାର ବିଶେଷ କରି ପ୍ରଧାନ ମନ୍ତ୍ରୀ ଯେଉଁ ସର୍ବୋଚ୍ଚ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ସରକାରର ନିଜର କର୍ମ ସମ୍ପାଦନ କରିଛନ୍ତି ତାହା ନିଜ ଭିତରେ ଏକ ଆଦର୍ଶ ସୃଷ୍ଟି କରିଛି । ତେଣୁ ମୁସଲମାନମାନେ ମଧ ଉକ୍ତ ସରକାରଙ୍କ ଠାରୁ ଶିକ୍ଷା ନିଅନ୍ତୁ ଓ ଧାର୍ମିକ ସାମ୍ପ୍ରଦାୟିକତାକୁ ମୂଳୋତ୍ପାଟନ କରି ନିଜର ଭୂମିକାକୁ ପ୍ରତିପାଦିତ କରନ୍ତୁ । ସେଠିକାର ଜନତାମାନେ ମଧ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି, ଅଲ୍ଲାଃତାଲା ସେମାନଙ୍କର ପୁଣ୍ୟକୁ ଗ୍ରହଣ କରି ସେମାନଙ୍କୁ ସତ୍ୟ ଓ ସଠିକ୍ ମାର୍ଗରେ ପରିଚାଳିତ ହେବାକୁ ସାମଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ସେହି ମସଜିଦ୍‌ରେ ଯେଉଁ ଲୋକମାନେ ଉପସ୍ଥିତ ଥିଲେ ତନ୍ମଧ୍ୟରୁ ଜଣେ ମହିଳାଙ୍କର ଦୂର ଦର୍ଶନରେ ଇଣ୍ଟରଭ୍ୟୁ ଆସିଥିଲା । ଉକ୍ତ ମହିଳା ଜଣକ ଅସାଧାରଣ ଧୈର୍ଯ୍ୟ ପ୍ରଦର୍ଶନ କରିଛନ୍ତି । ତାଙ୍କର ସ୍ୱାମୀ ଓ ୨୧ ବର୍ଷିୟ ପୁତ୍ର ଉକ୍ତ ଦୁଖଃଦ ଘଟଣାରେ ଲୋକଙ୍କୁ ସାହାଯ୍ୟ କରୁଥିବା ଅବସ୍ଥାରେ ନିଜ ପ୍ରାଣ ହରାଇଥିଲେ । ସେ ଜାହା ହେଉ ନା କହିଁକି ସେମାନେ ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜ ପ୍ରାଣର ଆହୁତୀ ଦେଥିଲେ । ଅଲ୍ଲାତାଲା ସେମାନଙ୍କ ସହିତ ଦୟା ପରିବେଶ ହୁଅନ୍ତୁ । ନିଶ୍ଚିତ ରୂପେ ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ । ସେଠାକାର ମୁସଲମାନମାନେ ଧୈର୍ଯ୍ୟ ଏବଂ ସାହସର ନମୁନା ପ୍ରଦର୍ଶନ କରିଛନ୍ତି ଏବଂ ଏହି ଆଚରଣ ଜଣେ ନିଷ୍ଠାପର ମୁସଲମାନ ଠାରୁ ଆଶା କରାଯାଇଥାଏ । କିନ୍ତୁ କେତେକ ଚରନ ପନ୍ଥୀ ଗୋଷ୍ଠୀମାନେ ଏହି ଘୋଷଣା କରିଛନ୍ତି କି ଆମେ ଏହାର ନିଶ୍ଚିତ ପ୍ରତିଶୋଧ ନେବୁ । ଏପରି କହିବାଟା ଅତ୍ୟନ୍ତ ତ୍ରୁଟୀପୂର୍ଣ୍ଣ ହେବ । କାରଣ ଏଭଳି କଲେ ବର୍ଷ ବର୍ଷ ଧରି ଶତ୍ରୁତା ଓ ଗୃହଯୁଦ୍ଧ ଲାଗି ରହିବ । ଅଲ୍ଲାଃତାଲା କରନ୍ତୁ କି ଇସଲାମ ଧର୍ମରେ ଯେଉଁ କଠୋରବାଦୀ ଗୋଷ୍ଠୀ ରହିଛନ୍ତି ସେମାନଙ୍କର ମୂଳୋତ୍ପାଟନ ହୋଇଯାଉ ଏବଂ ଇସଲାମର ବାସ୍ତବିକ ଓ ସୌନ୍ଦର୍ଯ୍ୟମୟ ଶିକ୍ଷା ବିଶ୍ୱରେ ପ୍ରସାର ଲାଭ କରୁ । ଅଲ୍ଲାଃତାଲା ମୁସଲମାନମାନଙ୍କୁ ଏଥିନିମନ୍ତେ ଶକ୍ତି ଓ ସାମଥ୍ୟ ପ୍ରଦାନ କରନ୍ତୁ । ସେମାନଙ୍କ ମଧ୍ୟରୁ ଅନେକାଂଶ ନୁହେଁ ବରଂ ସମଗ୍ର ମୁସଲମାନମାନେ ଯୁଗର ପ୍ରବର୍ତକ ଇମାମଙ୍କୁ ସ୍ୱୀକାର କରିନିଅନ୍ତୁ । କାରଣ ଏହି ଶାନ୍ତି ଏକତା ଦ୍ୱାରା ହିଁ ପୃଥିବୀରେ ପୁର୍ନବାର ଇସଲାମର ସୌନ୍ଦର୍ଯ୍ୟ ପ୍ରତିପାଦିତ ହୋଇପାରିବ ।

ହଜୁର ଅନଓ୍ୱର ଅ.ବ କୁହନ୍ତି– ଏହା ବ୍ୟତୀତ ମୁଁ କେତେକ ନମାଜ ଜନାଯାଃ ଗାଏବ ମଧ ପାଠ କରାଇବି । ସର୍ବପ୍ରଥନ ଜନାଯାଃ ହେଉଛି ମୌଲାନା ଖୁରସିଦ୍ ଅହମଦ୍ ସାହେବଙ୍କର ଯିଏକି କାଦିୟାନ୍ ନିବାସୀ ତଥା ତହରିକେ ଜଦିଦ୍‌ର ଓକିଲୁଲ୍ ମାଲ ଥିଲେ । ଗତ କିଛି ଦିନ ପୂର୍ବେ ଅର୍ଥାତ ଚଳିତ ମାର୍ଚ୍ଚ ମାସ ୧୯ ତାରିଖରେ ୭୩ବର୍ଷ ବୟସରେ ତାଙ୍କର କାଳ ହୋଇଗଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ଅଲ୍ଲାଃତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ଦୀର୍ଘକାଳ ଧରି କର୍କଟ ରୋଗରେ ଆକ୍ରାନ୍ତ ଥିଲେ, ଏଭଳି ମାରାତ୍ମକ ରୋଗ ଓ ଦୁର୍ବଳତା ସତ୍ୱେ ସେ ନିଜ କର୍ମରେ କଦାପି ଅବହେଳା କରି ନାହାନ୍ତି । ସେ ସାମନ୍ୟ ଅବସ୍ଥା ପରି ନିତିଦିନ କାର୍ଯ୍ୟାଳୟ ଆସୁଥିଲେ ଏବଂ ନିଜ ଓକଫ୍‌ର ପ୍ରତିଜ୍ଞାକୁ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କରିବା ଚେଷ୍ଟା କରିଥିଲେ । ଯେପରି ଓକଫ୍‌ର ପ୍ରତିଜ୍ଞା ରହିଛି ତାହାର ଅଧିକାରକୁ ସେହିପରି ଅକ୍ଷୁର୍ଣ୍ଣ ରଖିଥିଲେ ।

ତାଙ୍କର ଜ୍ୱାଇଁ ଶ୍ରୀମାନ ଖାଲିଦ୍ ଆଲାଦିନ୍ ସାହେବ ଉଲ୍ଲେଖ କରିଛନ୍ତି, ଯେତେବେଳେ ମୁଁ ତାଙ୍କୁ ବିଶ୍ରାମ ନେବାକୁ କହୁଥିଲି ସେତେବେଳେ ସେ ଉତର ଦେଉଥିଲେ ଧର୍ମ ସେବା କରୁ କରୁ ମୋର ପ୍ରାଣ ବାୟୁ ଉଡ଼ିଯାଉ ଏବଂ ମୁଁ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଯାଏ । ଅତଏବ ସେହି ପ୍ରତିଜ୍ଞାକୁ ସେ ନିଜ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ । ସେ ଅତ୍ୟନ୍ତ ଆଜ୍ଞାନୁବର୍ତୀ, ପରିଶ୍ରମୀ, କର୍ମଠ ଓ ସଚ୍ଚୋଟ ବ୍ୟକ୍ତି ଥିଲେ । ଆର୍ଥିକ ବିଷୟରେ ସେ ଗଭୀର ଦୃଷ୍ଟି ରଖୁଥିଲେ । ଯେତେବେଳେ ତାଙ୍କୁ ଓକିଲୁଲ୍ ମାଲ ପଦବୀରେ ଅଧିଷ୍ଠିତ କରାଗଲା ସେତେବେଳେ ତହରିକେ ଜଦିଦ୍‌ର ବଜେଟ୍ ମାତ୍ର କିଛି ଲକ୍ଷରେ ସୀମିତ ଥିଲା, ଯାହାକୁ ସେ ଅଲ୍ଲାଃଙ୍କ କୃପାରୁ ଏକ କୋଟିରୁ ଉର୍ଦ୍ଧ୍ୱରେ ପହଂଚାଇ ଦେଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ଅଭିବୃଦ୍ଧି କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିମାନଙ୍କୁ

ତାଙ୍କ ପୁଣ୍ୟ କର୍ମଗୁଡ଼ିକୁ ଅବ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ପରବର୍ତ୍ତୀ ଜନାଯାଃ ହେଉଛି ଶ୍ରୀମାନ ତାହେର ହୁସୈନ୍ ମୁନସୀ ସାହେବ । ଯେ ଫିଜୀର (ଦେଶର) ଅମିର ଥିଲେ । ମାର୍ଚ୍ଚ ମାସ ୫ତାରିଖ ଦିନ ୭୩ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ସେ ଫିଜି ଜମାଅତର ଜଣେ ଅନୁଭବୀ ସେବକ ଥିଲେ । ଦୀର୍ଘ ଦିନ ଧରି ତାଙ୍କୁ ସେଠାରେ ଜମାଅତର ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ଜଣେ ପୁଣ୍ୟବାନ ବ୍ୟକ୍ତି ଥିଲେ, ପ୍ରାର୍ଥନାକାରୀ ତଥା ନିଷ୍ଠାପର ବ୍ୟକ୍ତିତ୍ୱ ଥିଲେ । ନିଜ ବଚନର ପାଳନକାରୀ ଏବଂ ଅନେକ ସୁଗୁଣର ଅଧିକାରୀ ଥିଲେ । ଖଲିଫାଙ୍କର ଗଭୀର ବିଶ୍ୱସ୍ତ ତଥା ଅନ୍ୟମାନଙ୍କୁ ମଧ୍ୟ ଖିଲାଫତ୍ ସହ ଆଜ୍ଞାନୁବର୍ତ୍ତୀ ହେବାକୁ ପ୍ରୌତ୍ସାହିତ କରୁଥିଲେ । ସେ ସର୍ବଦା ନିଜର ସର୍ବୋଚ୍ଚ ଆଦର୍ଶର ପରିଚୟ ମଧ୍ୟ ପ୍ରଦାନ କରୁଥିଲେ । ଯେତେବେଳେ ତାଙ୍କୁ କୌଣସି କଥାର ବିବାଦ ସମ୍ପର୍କରେ ଏହା ସୂଚନା ପ୍ରାପ୍ତ ହେଉଥିଲା ଯେ, ଖଲିଫତୁଲ୍ ମସିହ ଅ.ସଙ୍କର ରାଏ ସମ୍ପର୍କରେ ସଠିକ୍ ଅଟେ । ତେବେ ସେ ଯଥାଶୀଘ୍ର ନିଜର ମତ ପରିବର୍ତ୍ତନ କରିଦେଉଥିଲେ ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ ମୁସା ସିସ୍କୋ ସାହେବ । ଯେ ମାଲୀ ଦେଶର ଅଧିବାସୀ ଥିଲେ । ତାଙ୍କର ଦେହାନ୍ତ ଫେବୃୟାରୀ ମାସ ୧୫ ତାରିଖରେ ହୋଇଥିଲା । **ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍** । ୨୦୧୨ମସିହା ନଭେମ୍ବର ମାସରେ ସେ ଅହମଦିୟତ୍ ଗ୍ରହଣ କରିଥିଲେ । ୨୦୧୩ ମସିହାରେ ତାଙ୍କୁ ଓସ୍କାସୋ ସହରରେ ଜମାଅତର ରେଡ଼ିଓଷ୍ଟେସନର ଶୁଭାରମ୍ଭର ଅବସରରେ ଡ଼ାଇରେକ୍ଟର ରୂପେ ଏବଂ ସେହି ବର୍ଷ ସଦର ଜମାଅତ (ସଭାପତି) ରୂପେ ନିଯୁକ୍ତି ମିଳିଥିଲା । ରେଡ଼ିଓ ଷ୍ଟେସନ ସ୍ଥାପନ ହେବା ପରେ ତାଙ୍କୁ ସେଠାରେ ଅସାଧାରଣ ରୂପେ ବିରୋଧ ପ୍ରଦର୍ଶନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ସମୟରେ ସେ ଅତ୍ୟନ୍ତ ଧୈର୍ଯ୍ୟ, ସାହସ ଚତୁରତାର ନମୁନା ପ୍ରଦର୍ଶନ କରି ସେହି ଉତ୍କଟ ପରିସ୍ଥିତିର ମୁକାବିଲା କରିବା ସହିତ ତାହାର ସମାଧାନ କରିଥିଲେ । ବୈଅତ କରିବା ପରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଜମାଅତ ପାଇଁ ଉତ୍ସର୍ଗ କରିଦେଇଥିଲେ । ସାମୁହିକ ନମାଜ ପାଠ କରିବା ବ୍ୟତୀତ ନିୟମିତ ରୂପେ ନମାଜେ ତହଜ୍ଜୁଦ୍ ମଧ୍ୟ ପଢୁଥିଲେ । ସେ ଅତ୍ୟନ୍ତ ନିଷ୍ଠାବାନ, କମଙ୍ଗଠ ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ତାଙ୍କର ଖିଲାଫତ୍ ସହ ନିବିଡ଼ତା ଓ ସମ୍ପର୍କ ବେଶ୍ ଘନିଷ୍ଠ ଥିଲା । ଖଲିଫାଙ୍କ ପ୍ରତ୍ୟେକ ତହରିକ୍‌ରେ ଲବୈକ (ଉପସ୍ଥିତ) ରହୁଥିଲେ ।

ଅଲ୍ଲାଃତାଲା ସମସ୍ତ ମୃତକଙ୍କ ଆତ୍ମାକୁ ସଦଗତି ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରନ୍ତୁ ତଥା ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ପୁଣ୍ୟ କର୍ମ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍

## ଖୁଲାସା ଖୁତ୍‌ବା ଜୁମା- ୩୦ ମାର୍ଚ୍ଚ୍ ୨୦୧୮

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କ ଜଣେ ସାହାବି ଥିଲେ ହଜରତ ଜାବିର ବିନ୍ ଅବଦୁଲ୍ଲାଃ । ସେ ହଜରତ ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମଙ୍କ ପୁତ୍ର ଥିଲେ । ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମ ସେହି ସାହାବା ଅଟନ୍ତି ଯାହାଙ୍କ ଚର୍ଚ୍ଚା କିଛି ଜୁମା, ପୂର୍ବରୁ ମୁଁ ଜିକର୍ (ଅଲ୍ଲାଃଙ୍କ ଗୁଣଗାନ) କରିବା ସମ୍ବନ୍ଧରେ ବର୍ଣ୍ଣନା କରିଥିଲି କି ତାଙ୍କ ଶହିଦ ହେବା ପରେ ହଜୁର ସ.ଆ କହିଲେ- ଅଲ୍ଲାଃତାଲା ତାଙ୍କୁ ପଚାରିଲେ କି ତୁମର କ'ଣ କାମନା ରହିଛି କୁହ ? ମୁଁ ତୁମ ମନବାଂଛା ପୂରଣ କରିବି ସେତେବେଳେ ସେ କହିଥିଲେ ହେ ଅଲ୍ଲାଃ ! ମୋତେ ପୁନର୍ବାର ଜୀବିତ କରି ସଂସାରକୁ ଫେରାଇଦିଅ, ମୁଁ ପୁନର୍ବାର ତୁମ ମାର୍ଗରେ ଶହିଦ ହେବାକୁ ଚାହେଁ । **ଅଲ୍ଲାଃତାଲା ଉତର ଦେଲେ ଏହା ସମ୍ଭବ ନୁହେଁ କାରଣ ମୃତ୍ୟୁବରଣ କରିଥିବା ବ୍ୟକ୍ତି ପୁନର୍ବାର ସଂସାରକୁ ଫେରିନଥାଏ** । ତେବେ ଏଥିରୁ ତାଙ୍କ ବଳିଦାନର ସ୍ତର ଏବଂ ଅଲ୍ଲାଃଙ୍କର ତାଙ୍କ ସହ ଅଭୂତପୂର୍ବ ବ୍ୟବହାରର ସନ୍ଧାନ ମିଳୁଅଛି । ହଜରତ ଜାବିର ବିନ୍ ଅବଦୁଲ୍ଲାଃ ବାଲ୍ୟାବସ୍ଥାରେ ହିଁ ବୟତେ ଉକବା ସାନିୟା ସମୟରେ ବୟତ କରିଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମଙ୍କ ଜୀବନ ଚର୍ଚ୍ଚାରେ ଏହା ମଧ୍ୟ ଆଲୋଚନା ହୋଇଥିଲା କି ସେ ନିଜ ପୁତ୍ରଙ୍କୁ କହିଥିଲେ କି ମୁଁ ଜଣେ ୟହୁଦିଙ୍କ ଠାରୁ କରଜ ଆଣିଛି ଆମ ବଗିଚାର ଫଳ ବିକ୍ରି କରି ତାର ଋଣ ପରିଶୋଧ କରିଦେବ । ସେ ଉକ୍ତ ଋଣ ପରିଶୋଧ କରିଥିଲେ, ସେତେବେଳେ ଏହି ପ୍ରଥା ପ୍ରଚଳିତ ଥିଲା କି ବଗିଚା ଓ ଫସଲ ବନ୍ଧା ରଖି ଲୋକେ କରଜ ନେଉଥିଲେ । ହଜରତ ଜାବିର ମଧ୍ୟ ନିଜ ଖର୍ଚ୍ଚ ବହନ କରିବା ନିମନ୍ତେ କରଜ ନିଅନ୍ତି ।

ହଜରତ ଜାବିର ବିନ୍ ଅବଦୁଲ୍ଲାଃ କୁହନ୍ତି ମଦିନାରେ ଜଣେ ୟହୁଦି ଥିଲା ଯେ ମୋ ଖଜୁର ବଗିଚାର ଫଳ ଅମଳ ହେବା ପର୍ଯ୍ୟନ୍ତ ମୋତେ କରଜ ଦେଉଥିଲେ । ଏକଦା ବର୍ଷ ବିତିଗଲା କିନ୍ତୁ ବଗିଚାରେ ଫଳ ଭଲ ଆସିଲା ନାହିଁ । କିନ୍ତୁ ଉକ୍ତ ୟହୁଦି ଜଣକ ପ୍ରତିବର୍ଷ ପରି କରଜ ଆଦାୟ କରିବାକୁ ଆସିଗଲେ । ମୁଁ ତାଙ୍କୁ ଆଉ ଏକ ବର୍ଷ ସମୟ ମାଗିଲି କିନ୍ତୁ ସେ ମନା କରିଦେଲେ । ଏହି ଖବର ହଜୁର ସ.ଆଙ୍କ ନିକଟରେ ପହଂଚିଲା, ହଜୁର ସାହାବାଙ୍କୁ କହିଲେ ଚାଲ ଆମେ ଜାବିରଙ୍କ ପାଇଁ ୟହୁଦିକୁ ସମୟ ମାଗିବା । ହଜୁର କିଛି ସାହାବାଙ୍କ ସହିତ ମୋ ବଗିଚାକୁ ଆସିଲେ ଏବଂ ୟହୁଦିଙ୍କ ସହିତ କଥା ହେଲେ କିନ୍ତୁ ୟହୁଦି ଜଣକ କହିଲା ହେ ଅବୁ କାସିମ୍ ! ମୁଁ ତାକୁ ଆଉ ସମୟ ଦେବି ନାହିଁ । ୟହୁଦିର ଏପରି ଆଚରଣ ଦେଖି ଆପଣ ଗଛଗୁଡ଼ିକର (ସର୍ବେକ୍ଷଣ) କରି ଏକ ଚକର ଲଗାଇ ଆସି ପୁନର୍ବାର ୟହୁଦି ସହିତ କଥାହେଲେ କିନ୍ତୁ ସେ ପୁନର୍ବାର ମନା କରିଦେଲା । ଜାବିର୍ କୁହନ୍ତି ଏହି ସମୟରେ ମୁଁ ହଜୁର ସ.ଆଙ୍କ ସତ୍କାର ପୂର୍ବକ ବଗିଚାରୁ କିଛି ଫଳ ତୋଳିଆଣି ଆପଣଙ୍କ ସମ୍ମୁଖରେ ରଖିଲି ଯାହାକି ହଜୁର ସେବନ କଲେ । ହଜୁର କହିଲେ ଜାବିର ବଗିଚାରେ ତୁମ କୁଡ଼ିଆ କେଉଁଠି ଅଛି ? ମୁଁ ସେଥିସମ୍ବନ୍ଧରେ ଅବଗତ କରେଇବାରୁ ହଜୁର କହିଲେ ମୋ ପାଇଁ ସେଠାରେ ଚଟାଇ ବିଛାଅ, ମୁଁ ସେଠାରେ କିଛି ମସୟ ବିଶ୍ରାମ କରିବାକୁ ଚାହେଁ । ସେ କୁହନ୍ତି ମୁଁ ଅଦେଶର ପାଳନ କଲି । ଆପଣ ସେଠାରେ ବିଶ୍ରାମ କଲେ । ନିଦରୁ ଉଠିବା କ୍ଷଣି ମୁଁ ମୁଠାଏ ଖଜୁର ନେଇ ହଜୁର ଆ.ସଙ୍କ ସମ୍ମୁଖରେ (ପୁନର୍ବାର) ଉପସ୍ଥିତ ହୋଇଗଲି । ଆପଣ ସେଥିମଧ୍ୟରୁ କିଛି ସେବନ କଲେ ଏବଂ ଛିଡ଼ା ହୋଇ ୟହୁଦି ସହିତ କଥା ହେଲେ କିନ୍ତୁ ତେବେ ମଧ୍ୟ ସେ ରାଜି ହେଲା ନାହିଁ । ଆପଣ ପୁଣି ବଗିଚାରେ ବୁଲି ଆସିଲେ ଏବଂ ମୋତେ କହିଲେ ଜାବିର୍ ଗଛରୁ ଫଳ ତୋଳିବା ଆରମ୍ଭ କର ଏବଂ ୟହୁଦିର କରଜ ପରିଶୋଧ କର । ମୁଁ ଫଳ ତୋଳିବା ଆରମ୍ଭ କରିଦେଲି ଏହି ସମୟରେ ଆପଣ ଗଛ ମୂଳେ ଛିଡ଼ା ହୋଇରହିଲେ । **ସେ କୁହନ୍ତି ମୁଁ ଫଳ ତୋଳି ୟହୁଦିର ସମସ୍ତ କରଜ ପରିଶୋଧ କରିଦେଲି, ତା'ପରେ ମଧ୍ୟ ଆହୁରି କିଛି ଫଳ ବଂଚିଗଲା । ମୁଁ ଏହି ସୁସମ୍ବାଦ ହଜୁର ସ.ଆଙ୍କୁ ଦେଲି ଏଥିରେ ହଜୁର କହିଲେ ମୁଁ ସାକ୍ଷୀ ଦେଉଅଛି କି ମୁଁ ଅଲ୍ଲାଃଙ୍କ ରସୁଲ ଅଟେ** ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଯେଉଁସ୍ଥଳେ ଏହି ଘଟଣାରେ ହଜୁର ସ.ଆଙ୍କ ଦୟା ଓ ଦୁଆ ସ୍ୱୀକାର ହେବା ଯୋଗୁଁ ଫଳରେ ଅଭୂତପୂର୍ବ ବରକତ୍ ହେବାର ଆମେ ଦେଖୁଅଛେ ସେଠାରେ କରଜ ପରିଶୋଧ କରିବା ପ୍ରତି ବ୍ୟାକୁଳତା ସ୍ୱଷ୍ଟ ପରିଲକ୍ଷିତ ହେଉଅଛି । ସୁତରାଂ ଏହି ଆତ୍ମା ଜଣେ ପ୍ରକୃତ ମୋମିନ୍‌ର ବିଶେଷତ୍ୱ ହେବା ଉଚିତ୍ । କିଛି ଲୋକ ଅହେମଦି ହେବା ପରେ ମଧ୍ୟ ଏକଥା ଚିନ୍ତା କରିନଥାନ୍ତି ଏବଂ କରଜ ପରିଶୋଧ କରିବା ମାମଲାରେ ଦିନ ଗଡ଼ାଇ ଚାଲିଥାନ୍ତି, ଏପରିକି ବର୍ଷ ବର୍ଷ ବିତି ଯାଇଥାଏ ଶେଷରେ ମୁକଦ୍ଦମାର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି । ଅତଃ ଆମକୁ ସର୍ବଦା ହଜରତ ମସିହ ମଉଦ ଆ.ସଙ୍କ ଏହି ଉପଦେଶ ମନେରଖିବା ଉଚିତ୍ କି ମୋ ବୟତ କରିବା ପରେ ସାହାବାମାନଙ୍କ ନମୁନାକୁ ନିଜ ଉପରେ ଲାଗୁ କର ତେବେଯାଇ ସେହି ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି ହୋଇପାରିବ ଯାହାକି ମେହେଦି ଓ ମହିହଙ୍କ ଆସିବା ପରେ ପ୍ରତିଷ୍ଠା ହେବା ଧାର୍ଯ୍ୟ ଥିଲା

କରଜ ପରିଶୋଧ କରିବା ସମ୍ବନ୍ଧରେ ହଜରତ ଜାବିର ର.ଅଙ୍କର ଏକ ବର୍ଣ୍ଣନା ରହିଛି କି ଜଣେ ସାହାବିଙ୍କ ଉପରେ ଦୁଇ ଦିନାର୍ କରଜ ଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ପରିଶୋଧ କରିବା ପୂର୍ବରୁ ହିଁ ତାଙ୍କର ଦେହାନ୍ତ ଘଟିଲା । ହଜୁର ସ.ଆ ତାଙ୍କ ଜନାଯାଃ ପଢାଇବାକୁ ମନାକରିଦେଲେ ଏଥିରେ ଅନ୍ୟ ଜଣେ ସାହାବି କହିଲେ ମୁଁ କରଜ ପରିଶୋଧ କରିବାର ଦାୟିତ୍ୱ ବହନ କରୁଅଛି ସେତେବେଳେଯାଇ ହଜୁର ସ.ଆ ତାଙ୍କର ଜନାଯାଃ ପଢାଇଲେ ଏବଂ ତାହା ପରଦିନ ଉକ୍ତ ବ୍ୟକ୍ତିଙ୍କୁ ପଚାରିଲେ କି ତୁମେ ସେହି ଦୁଇ ଦିନାର ପରିଶୋଧ କରିଦେଲ କି ନାହିଁ ? ଅତଃ ହଜୁର ସ.ଆ କରଜ ପରିଶୋଧ କରିବାକୁ ଏଭଳି ଗୁରୁତ୍ୱ ଦେଇଛନ୍ତି ଏବଂ ସେଥିପ୍ରତି ଚିନ୍ତିତ ରହିବା ମଧ୍ୟ ଆବଶ୍ୟକ । କିନ୍ତୁ ହଜରତ ଜାବିରଙ୍କ ଠାରୁ ବର୍ଣ୍ଣନା ମିଳୁଅଛି କି ହଜରତ ମହମ୍ମଦ ସ.ଆ କହିଲେ ଯଦି କୌଣସି ମୋମିନ୍ ସମ୍ପତି ଛାଡ଼ିଯାଏ ତେବେ ତାହାର ପରିବାରବର୍ଗଙ୍କୁ ମିଳିଥାଏ ଏବଂ ଯଦି କେହି କରଜ ଛାଡ଼ିଯାଏ ଏବଂ ଯେଉଁ ସମ୍ପତି ଛାଡ଼ିଯାଇଥାଏ ସେଥିରେ ସମ୍ପୂର୍ଣ୍ଣ ପରିଶୋଧ ହୋଇପାରି ନପାରେ କିମ୍ବା ଅନାଥ ସନ୍ତାନ ଛାଡ଼ିଯାଏ ତେବେ ସେମାନଙ୍କର ବ୍ୟବସ୍ଥା କରିବା ପ୍ରଶାସନ ଓ କର୍ମକର୍ତ୍ତାମାନଙ୍କ ଦାୟିତ୍ୱ । ଅନାଥ ପିଲାମାନଙ୍କ ଆବଶ୍ୟକତା ପୂରଣ କରିବା ସମ୍ବନ୍ଧରେ ଇସଲାମ ବେଶ୍ ଗୁରୁତ୍ୱ ଦେଇଅଛି । ଉପରୋକ୍ତ ଦୁଇ ଗୋଟି (ମାମଲା) ଭିନ୍ନ ଭିନ୍ନ ପରିସ୍ଥିତି ମନେହେଉଅଛି । **ପ୍ରଥମତଃ** ଅଯଥାରେ କରଜ ନେଉଥିବା କରଜଧାରୀଙ୍କୁ ବୁଝାଇଲେ କି କରଜ (ପରିଶୋଧ) କରିବା ଅତ୍ୟନ୍ତ ଜରୁରୀ ଏବଂ ଏପରି ବ୍ୟକ୍ତିର ଯଦି ଦେହାନ୍ତ ଘଟେ ତେବେ ତାହାର ପରିଜନଙ୍କ କର୍ତ୍ତବ୍ୟ କି ସେମାନେ ତାହାର କରଜ ପରିଶୋଧ କରନ୍ତୁ ଏବଂ **ଦ୍ୱିତୀୟ** ଅବସ୍ଥାରେ ପ୍ରଶାସନକୁ ସଚେତନ କଲେ କି ଅନାଥ ପିଲାମାନଙ୍କ ଲାଳନପାଳନ କର ଏବଂ ମୃତକଙ୍କ କରଜ ପରିଶୋଧ କର । ତେବେ ଇସଲାମୀୟ ଶାସନ ବ୍ୟବସ୍ଥାରେ ଥିବା କର୍ମକର୍ତ୍ତାମାନଙ୍କୁ ହଜୁର ସ.ଆ ଏହି ନିର୍ଦ୍ଦେଶ ଦେଇଛନ୍ତି କି କିଭଳି ଆମକୁ ନିଜ ଅଧିନସ୍ଥ ଅଂଚଳର ଦାୟିତ୍ୱ ସମ୍ପାଦନ କରିବା ଉଚିତ୍ କିନ୍ତୁ ଦୁର୍ଭାଗ୍ୟବଶତଃ ଇସଲାମୀୟ ଦେଶମାନଙ୍କରେ ସବୁଠାରୁ ଅଧିକ ଜନସାଧାରଣଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଅଛି ।

ହଜରତ ମହମ୍ମଦ ସ.ଆଙ୍କର ହଜରତ ଜାବିର ର.ଅଙ୍କ ଉପରେ ଆଉ ଏକ ଦୟା ଓ ନମ୍ର ଆଚରଣର ବର୍ଣ୍ଣନା ମିଳୁଅଛି । ବର୍ଣ୍ଣନାକାରୀ କୁହନ୍ତି ଏକଦା ମୁଁ ହଜରତ ଜାବିର ବିନ୍ ଅବଦୁଲ୍ଲାଃ ଅନ୍‌ସାରୀଙ୍କ ନିକଟକୁ ଆସିଲି ଏବଂ କହିଲି ଆପଣ ହଜୁର

ସ.ଆଙ୍କ ଠାରୁ ଯେଉଁ କଥା ଶୁଣିଛନ୍ତି ତାହା (ମୋତେ) କୁହନ୍ତୁ । ସେ କହିଲେ ଏକଦା ମୁଁ ହଜୁର ସ.ଆଙ୍କ ସହିତ ଯାତ୍ରାରେ ଥିଲି ଯେତେବେଳେ ଆମେ ମଦିନା ଫେରିଲୁ ସେତେବେଳେ ହଜୁର ସ.ଆ କହିଲେ କି ଯେଉଁମାନେ ନିଜ ପରିବାରବର୍ଗଙ୍କ ନିକଟକୁ ଶିଘ୍ର ଫେରିବାକୁ ଇଚ୍ଛା କରୁଛନ୍ତି ସେମାନେ ଚାଲିଯାନ୍ତୁ । ହଜରତ ଜାବିର କୁହନ୍ତି ଏକଥା ଶୁଣି ଆମେ ଶିଘ୍ର ଶିଘ୍ର ଚାଲିବା ଆରମ୍ଭ କରିଦେଲୁ ମୁଁ ନିଜର ଏକ ମାଟିଆ ରଙ୍ଗର ଓଟ ଉପରେ ବସିଥିଲା, ତା ଦେହରେ କୌଣସି ପ୍ରକାରର ଦାଗ ନଥିଲା ଲୋକମାନେ ମୋ ପଛେ ପଛେ ଥିଲେ । ମୁଁ ଏହିପରି (ତିବ୍ର) ବେଗରେ ଯାଉଥିଲି କି ମୋ ଓଟ ହଠାତ୍ ଅଟକିଗଲା ଏବଂ ମୋ କଥା ମାନିଲା ନାହିଁ ଅର୍ଥାତ ଆଗକୁ ବଢିଲା ନାହିଁ । ହଜରତ ମହମ୍ମଦ ସ.ଆ ତାକୁ ଦେଖି ମୋତେ କହିଲେ ଓଟ ଉପରେ ଭଲ ଭାବରେ ବସ ତାପରେ ହଜୁର ତାହାକୁ ପାଚଣରେ ଥରେ ପିଟିଲେ, ସେଥିରେ ଓଟ ଉଠିଯାଇ ଚାଲିବା ଆରମ୍ଭ କରିଦେଲା ଏବଂ ବେଶ୍ ତିବ୍ର ବେଗରେ ଚାଲିଲା । ହଜୁର ସ.ଆ କହିଲେ କ'ଣ ତୁମେ ଏହି ଓଟକୁ ବିକ୍ରି କରିବ ? ମୁଁ କହିଲି ଜି ହଜୁର ବିକ୍ରି କରିବି ଯେତେବେଳେ ଆମେ ମଦିନାରେ ପହଂଚିଲୁ ହଜୁର ସ.ଆ ଅନେକ ସାହାବାଙ୍କ ସହିତ ମସଜିଦ୍‌ରେ ପ୍ରବେଶ କଲେ, ମୁଁ ମଧ୍ୟ ଆପଣଙ୍କ ସାଥିରେ ଚାଲିଗଲି ଏବଂ ଓଟକୁ ମସଜିଦ୍ ସମ୍ମୁଖ ଭାଗର କଣରେ ଥିବା ପଥରରେ ବାନ୍ଧିଦେଲି । ତାପରେ ମୁଁ କହିଲି ହଜୁର ଏହା ଆପଣଙ୍କର ଓଟ ଅଟେ । ଆପଣ ବାହାରକୁ ବାହାରିଲେ ଏବଂ ଓଟ ଚାରିପଟେ ବୁଲିଆସି କହିଲେ ଏହା ମୋର ଓଟ । ହଜୁର ସ.ଆ ସୁନାର କିଛି ଓ୍ୱକିଏ (ମୋ ନିକଟକୁ) ପଠାଇ କହିଲେ ଏହା ଜାବିରଙ୍କୁ ଦେଇ ଆସ । ତାପରେ କହିଲେ କ'ଣ ତୁମେ (ଓଟ)ର ସମ୍ପୂର୍ଣ୍ଣ ମୂଲ୍ୟ ପାଇଗଲ, ମୁଁ କହିଲି ଜି ହଜୁର ପାଇଗଲି । ହଜୁର ସ.ଆ କହିଲେ ସେହି ମୂଲ୍ୟ ଓ ଓଟ (ଉଭୟ) ତୁମର ଅଟେ । ତେବେ ହଜୁର ସ.ଆ ଦୟା ପୂର୍ବକ ଓଟ (ମୋତେ) ଫେରାଇଦେଲେ ଏବଂ ମୂଲ୍ୟ ମଧ୍ୟ ପ୍ରଦାନ କଲେ । **ତେବେ ଏଭଳି ଆଚରଣ ଥିଲା ହଜୁର ସ.ଆଙ୍କର ନିଜ ସାହାବା ଓ ସେମାନଙ୍କ ସନ୍ତାନମାନଙ୍କ ସହିତ** । ଅଲ୍ଲାଃତାଲା ଉକ୍ତ ସାହାବାମାନଙ୍କ ସ୍ତର ବୃଦ୍ଧି କରନ୍ତୁ ଏବଂ ଆମକୁ ମଧ୍ୟ ସେମାନଙ୍କ ପୁଣ୍ୟକର୍ମକୁ ଅବ୍ୟାହାତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଦୁଇ ଜଣ ନିଷ୍ଠାପର ବ୍ୟକ୍ତିତ୍ୱଙ୍କର (ଉତମ) ଚର୍ଚ୍ଚା କରିବାକୁ ଯାଉଅଛି । ପ୍ରଥମ ଶ୍ରୀମାନ ବିଲାଲ ଅଦଲବି ସାହେବ ସିରିୟା ନିବାସୀ ଯେ କାର ଦୁର୍ଘଟଣାରେ ଭୀଷଣ ରୂପେ ଆହାତ ହୋଇଥିଲେ ଏବଂ ଚଳିତ ମାସ ୧୭ ତାରିଖ ଦିନ ତାଙ୍କ ହୃଦସ୍ପନ୍ଦନ ବନ୍ଦ ହେବା ଯୋଗୁଁ ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ବିଲାଲ୍ ସାହେବ ୧୯୭୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୭ ବର୍ଷ ବୟସରେ ସେ ଜମାଅତ ସହ ପରିଚିତ ହୋଇଥିଲେ । କିଛି ଦିନପରେ ସେ ବୟତ କରିନେଲେ । ସିରିୟା ଜମାଅତର ସଦର ସାହେବ ଲେଖିଛନ୍ତି ତାଙ୍କର କ୍ରୀଡ଼ା ସାମଗ୍ରୀର ଦୋକାନ ଥିଲା । ସେ ସର୍ବଦା ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରୁଥିଲେ । ବେଶ୍ ସ୍ୱାଭିମାନୀ ବିକ୍ତିତ୍ୱ ଥିଲେ । କୌଣସି ଅହେମଦିଙ୍କୁ ଏଭଳି ଅବସ୍ଥାରେ ଦେଖିପାରୁ ନଥିଲେ କି ତାହା ପାଖରେ ପିନ୍ଧିବାକୁ କିଛି ହେଲେ (ବସ୍ତ୍ର) ନାହିଁ । ନିଜ ପିଲାମାନଙ୍କର ମଧ୍ୟ ବେଶ୍ ଯତ୍ନ ନେଉଥିଲେ । ସବୁଠାରୁ ଉତମ ସ୍କୁଲରେ ସେମାନଙ୍କର ନାମ ଲେଖାଇଥିଲେ । **ନିୟମିତ ଭାବରେ ଚାନ୍ଦାର ହିସାବ ରଖିବା ଓ ତାହା ପ୍ରଦାନ କରିବା, ସେବା କରିବା, ନମାଜ ଓ ଉପାସନା (ସମ୍ପାଦନ) କରିବା, ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ବେଶ୍ ଘନିଷ୍ଟ ଥିଲା** । ସେ ମୋର ପ୍ରତ୍ୟେକ ଖୁତବା ଶୁଣୁଥିଲେ । ସଦର ସାହେବ ଲେଖିଛନ୍ତି, ଆସନ୍ତା ସପ୍ତାହରେ ମୁଁ ଖୁତବାର ସାରାଂଶ ଶୁଣାଇଲେ ସେ ମୁହଁ ଢାମ୍ପି କାନ୍ଦୁଥିଲେ ଏବଂ ସର୍ବଦା କହୁଥିଲେ କି ମନେହେଉଛି ଖଲିଫା ମୋ (ଅବସ୍ଥାକୁ ଧ୍ୟାନରେ) ରଖି ଖୁତବା ଦେଇଛନ୍ତି ଅବା ମୋତେ (ନିର୍ଦ୍ଦେଶ) ଦେଇଛନ୍ତି । ନିଜ ପଛରେ ସେ ୧୧ ବର୍ଷ ବୟସର ପୁତ୍ର ଓ ୧୨ ବର୍ଷ ବୟସର କନ୍ୟା ଛାଡ଼ିଯାଇଛନ୍ତି ।

ଦ୍ୱିତୀୟ ଜନାଯାଃ ଶ୍ରୀମତି ସଲିମା ମିର୍ ସାହେବାଃ ପୂର୍ବତନ ସଦର ଲଜନା କରାଚି ପତ୍ନୀ ଅବଦୁଲ୍ କାଦିର ଡ଼ାର ସାହେବଙ୍କର ଅଟେ । ସେ ମଧ୍ୟ ଚଳିତ ମାସ ୧୭ ତାରିଖ ଦିନ ୯୦ ବର୍ଷ ବୟସରେ ଦେହ ତ୍ୟାଗ କଲେ । ଆପଣଙ୍କ ପିତା ମିର ଇଲାହି ବଖଶ୍ ସାହେବ ଜଣେ ସାହାବି ଥିଲେ । ଗୁଜରାତର ଶେଖୁପୁରା ଜିଲ୍ଲା ସହ ତାଙ୍କର ସମ୍ପର୍କ ଥିଲା । ସେ ୧୯୦୪ ମସିହାରେ ବୟତ କରିଥିଲେ ଏବଂ ତାଙ୍କ ମାତା ମରିୟମ୍ ବେଗମ୍ ସାହେବାଃ ମଦରସତୁଲ୍ ଖଓ୍ୱାତିନ୍ କାଦିଆନରୁ ଶିକ୍ଷା ହାସଲ କରିଥିଲେ । ପବିତ୍ର କୋରାନର ପାଠ କରିବାରେ ତାଙ୍କର ବିଶେଷ ରୁଚି ଥିଲା । ଲଜନାଙ୍କର ବିଭିନ୍ନ ପଦରେ ତାଙ୍କୁ ସେବା କରିବାର ଅବସର ମିଳିଲା । ୧୯୮୧ ମସିହାରେ ତୃତୀୟ ଖଲିଫା ତାଙ୍କୁ ବ୍ୟବସ୍ଥା ପରିଚାଳନା କମିଟିର ସଦର କରିଥିଲେ । ସେ କୁହନ୍ତି ଯେତେବେଳେ ମୋତେ କମିଟିର ସଦର ଦାୟିତ୍ୱ ଦିଆଗଲା ସେତେବେଳେ ମୁଁ ଦୁଆରେ ମଗ୍ନ ହୋଇଗଲି । କାନ୍ଦିକାନ୍ଦି ଅଲ୍ଲାଃଙ୍କୁ ସାହାଯ୍ୟ ଭିକ୍ଷା କଲି । କାମ ଆରମ୍ଭ କରି ମଜଲିସ୍‌ର ବୈଠକ ଡ଼କାଇଲି କର୍ମକର୍ତାମାନଙ୍କ ଦୌରା କରି ସମସ୍ତଙ୍କର ଆଜ୍ଞାକାରୀ ହେବା ଓ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ ହେବା, ଇସଲାମୀୟ ଶୈଳୀ ଆପଣାଇବା, ରିତୀପ୍ରଥା ବିରୋଧରେ ଜିହାଦ କରିବା ଓ ଅଯଥା ଆପତି କରିବାରୁ ନିବୃତ ରହିବାକୁ ପ୍ରାଧାନ୍ୟ ଦେଲି । ୧୯୮୬ ମସିହାରେ ଚତୁର୍ଥ ଖଲିଫା ଆପଣଙ୍କୁ କରାଚିର ସଦର ଲଜନା ମନୋନୀତ କରିଥିଲେ । ସେହି ଦିନଠାରୁ ୧୯୯୭ ମସିହା ପର୍ଯ୍ୟନ୍ତ ଆପଣ ସଦର ଲଜନା କରାଚିର ଦାୟିତ୍ୱ ତୁଲାଇଥିଲେ । କରାଚିର ଲଜନାମାନେ (ଧର୍ମ) ପୁସ୍ତକ ଉନ୍ମୋଚନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଯେଉଁଥିରେ ୬୦ଖଣ୍ଡ ପୁସ୍ତକ ଓ ଦୁଇ ଗୋଟି ମୁଜଲ୍ଲା ଆପଣଙ୍କ ସମୟ କାଳରେ ପ୍ରକାଶିତ ହୋଇଥିଲା । ଆପଣଙ୍କ କାର୍ଯ୍ୟକାଳ ସମୟରେ ଦାଈ ଇଲ୍ଲାଃର କ୍ଲାସ ଆରମ୍ଭ ହେଲା । ଏଥିରେ ଚତୁର୍ଥ ଖଲିଫା ବେଶ୍ ଆନନ୍ଦିତ ହୋଇ କହିଲେ କି ଆପଣ ବେଶ୍ ସୁନ୍ଦର ଭାବରେ କାର୍ଯ୍ୟ (ସମ୍ପାଦନ) କରୁଥିବାରୁ ଆପଣଙ୍କ ପାଇଁ ଗଭୀର ହୃଦୟରୁ ଦୁଆ ବାହାରୁଛି । ଅଲ୍ଲାଃତାଲା ଆପଣଙ୍କୁ ଦୀର୍ଘଜୀବୀ ତଥା ସ୍ୱାସ୍ଥ୍ୟ ଓ ଅଜସ୍ର ଖୁସି ପ୍ରଦାନ କରନ୍ତୁ । ଆସନ୍ତାରେ ଆପଣଙ୍କ ନିଷ୍ଠାପର ସାଥିମାନଙ୍କୁ ଉତମ ପରିଣାମ ପ୍ରଦାନ କରନ୍ତୁ ।

ତାଙ୍କର ଅନେକ ଘଟଣାବଳୀ ରହିଛି । ତୃତୀୟ ଏବଂ ଚତୁର୍ଥ ଖଲିଫା ତାଙ୍କ ସେବାକୁ ବେଶ୍ ପ୍ରଶଂସା କରିଥିଲେ । ଚତୁର୍ଥ ଖଲିଫାଙ୍କ ଗୋଟିଏ ଚିଠି ଯେଉଁଥିରେ ସେ ତାଙ୍କ ରିପୋର୍ଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଲେଖିଥିଲେ କି ମୁଁ ଗଭୀର ହୃଦୟରୁ ଆପଣଙ୍କ ନିଷ୍ଠାପର କାର୍ଯ୍ୟକୁ ସମ୍ମାନ ପ୍ରଦାନ କରୁଅଛି ଏବଂ **ନିଜ ପାଳନକର୍ତାଙ୍କ ନିକଟରେ ସର୍ବଦା ଆପଣଙ୍କ କୁଶଳ ଓ ମଙ୍ଗଳ କାମନା କରୁଅଛି** ଏବଂ (ଅଲ୍ଲାଃଙ୍କ) ନିକଟରେ ନିବେଦନ କରୁଅଛି କି ସେହି ଦିନ ପୂର୍ବ ଅପେକ୍ଷା ଅଧିକ ଭବ୍ୟତାର ସହିତ ଫେରାଇ ଦିଅନ୍ତୁ ଯାହାକୁ ମନେପକାଇଲେ ମୋତେ ବହୁତ ଆନନ୍ଦ ଅନୁଭୁତ ହୁଏ ।

ଚାରିଜଣ କନ୍ୟା ସନ୍ତାନ ହେବା ପରେ ତାଙ୍କୁ ପୁତ୍ର ପ୍ରାପ୍ତି ହୋଇଥିଲା । କିନ୍ତୁ କିଛିଦିନ ପରେ ସେ ମଧ୍ୟ ଚାଲିଗଲା, ଏହି ବିଡ଼ମ୍ବନାକୁ ସେ ଅତ୍ୟନ୍ତ ଧର୍ଯ୍ୟ ଓ ସାହସର ସହିତ ସହ୍ୟ କରିଥିଲେ ଏବଂ କହୁଥିଲେ କି ସେ ଅଲ୍ଲାଃଙ୍କ ପ୍ରଦତ ଥିଲା ସେ ହିଁ ତାହାକୁ ନେଇଗଲେ । ପ୍ରତ୍ୟେକ ମୂହୁର୍ତରେ ଦୁଆ କରିବା ତାଙ୍କର ବିଶେଷ ଗୁଣ ଥିଲା । ପିଲାମାନେ କୁହନ୍ତି ସର୍ବଦା ଆମକୁ ଏହି ଉପଦେଶ ଦିଅନ୍ତି କି ଖଲିଫାଙ୍କ ହାତ କଦାପି ଛାଡ଼ିବ ନାହିଁ, ଖଲିଫାଙ୍କ ସହିତ ସର୍ବଦା ସଲଗ୍ନ ରହିବ । **ପର୍‌ଦାର ଅତ୍ୟନ୍ତ ପାଳନକାରୀ ଥିଲେ** ଯେଉଁସ୍ଥାନରେ ଏଥିରେ ଦୁର୍ବଳତା ପରିଲକ୍ଷିତ କରୁଥିଲେ ସେଠାରେ ବେଶ୍ ସୁନ୍ଦର ଶୈଳୀରେ ବୁଝାଇ ଦେଉଥିଲେ ଯେପରି ଅନ୍ୟମାନଙ୍କୁ ମଧ୍ୟ ଖରାପ ଲାଗିବ ନାହିଁ ।

ଅମତୁଲ୍ ବାରୀ ନାସର୍ ସାହେବାଃ କୁହନ୍ତି ଅଲ୍ଲାଃତାଲା ଆପା ସଲିମା ମିର ସାହେବାଃ କରାଚିଙ୍କୁ ଦିର୍ଘଦିନ ସେବା କରିବାର ଅବସର ପ୍ରଦାନ କରିଥିଲେ । ଆପଣ ଏହି ସଂସାରରେ ନାହାନ୍ତି ସତ କିନ୍ତୁ ଆପଣଙ୍କ ପ୍ରଶିକ୍ଷିତ ସଦସ୍ୟ ସଂସାରର କୋଣ ଅନୁକୋଣେ ଲଜନାମାନଙ୍କର ସେବା କରି ଆପଣଙ୍କ ନାମ ଓ କାମକୁ ସର୍ବଦା ଜୀବିତ ରଖିଥିବେ ।

ଅମତୁଲ୍ ନୁର ସାହେବାଃ କରାଚି ନିବାସୀ ଲେଖିଛନ୍ତି କି ସଲିମା ମିର ସାହେବାଃ ଅତ୍ୟନ୍ତ ପ୍ରେମ କରିବା ଓ ଅତ୍ୟନ୍ତ ନମ୍ର ଓ ସାଧାରଣ ବ୍ୟକ୍ତିତ୍ୱ ପରି ଅନ୍ୟମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ତଥା ହସହସ ଚେହେରାର ଅଧିକାରୀ ଥିଲେ ।

କରାଚିର ସେକ୍ରେଟାରୀ ଲଜନା ଲେଖିଛନ୍ତି ଆପା ସଲିମା ମିର୍ ସାହେବାଃଙ୍କ ସହିତ ୧୯୮୬ ମସିହାରେ କାମ କରିବାର ସୁଯୋଗ ମିଳିଥିଲା, ସେ ଅତ୍ୟନ୍ତ ସାଧାରଣ ଓ ଅଭାବିମାନଙ୍କ ଆବଶ୍ୟକତା ପୂରଣକାରୀ ବ୍ୟକ୍ତିତ୍ୱ ଥିଲେ । କରାଚିର ଜଣେ ଅତ୍ୟନ୍ତ ଉତ୍ସାହର ସହିତ ସେବାକାରୀ ମହିଳା ଯେ କି କୌଣସି କାରଣରୁ ଜମାଅତରୁ ପଶ୍ଚାତପଦ ଦେଲେ ତାଙ୍କ ସମ୍ବନ୍ଧରେ ଜଣାଗଲା କି ସେ ବଡ଼ (ଧରଣର) ରୋଗରେ ପିଡ଼ୀତ ଅଛନ୍ତି ଏବଂ ତାଙ୍କ ନିକଟରେ ଜମାଅତର (ବିଶେଷ) ସାମଗ୍ରୀ ରହିଛି । ଚତୁର୍ଥ ଖଲିଫାଙ୍କ ଦୁଆ ଓ ନିର୍ଦ୍ଦେଶନୁସାରେ ସଲିମା ସାହେବାଙ୍କ ନେତୃତ୍ୱରେ ବେଶ୍ ବୁଦ୍ଧିମାନୀର ସହିତ ତାଙ୍କ ସହ ଯୋଗାଯୋଗ କରାଗଲା କିନ୍ତୁ କିଛି ହାସଲ ହେବା ପୂର୍ବରୁ ହିଁ ତାଙ୍କର ଦେହାନ୍ତ ଘଟିଲା । ତାଙ୍କର ଜଣେ ବନ୍ଧଙ୍କୁ କୁହଗଲା କି ଯଦି ତାଙ୍କର କିଛି ଜିନିଷ ଆପଣଙ୍କ ନିକଟରେ ଅଛି ତେବେ ଆମକୁ ପ୍ରଦାନ କରନ୍ତୁ ଆମେ ତାହାର ମୂଲ୍ୟ ଦେବାକୁ ମଧ୍ୟ ପ୍ରସ୍ତୁତ ଅଛୁ । ଅତଏବ ଗୋଟିଏ ସିନ୍ଦୁକ ମିଳିଲା ଯେଉଁଥିରେ ହଜରତ ମସିହ ମଉଦ ଆ.ସଙ୍କ ହାତ ଲେଖା କିଛି ଚିଠି ଓ ପ୍ରଥମ ଖଲିଫାଙ୍କ ଲେଖା ଥିଲା ଏବଂ ସିନ୍ଦୁକ ମଧ୍ୟ ଐତିହାସିକ ପୂର୍ଣ୍ଣ ଥିଲା । ସେ ଅତ୍ୟନ୍ତ ବୁଦ୍ଧିମାନୀର ସହିତ ଉକ୍ତ ସାମଗ୍ରୀ ତାଙ୍କଠାରୁ ହାସଲ କରିନେଲେ ।

ପ୍ରତ୍ୟେକ ଲେଖାଳିମାନେ ଲେଖିଛନ୍ତି କି ଅତ୍ୟନ୍ତ ଶିଷ୍ଟାଚାରୀ, ସାହସି, ଧର୍ଯ୍ୟ ରକ୍ଷାକାରୀ, ଖିଲାଫତ୍ ସହିତ ଯଡ଼ିତ ରହିବା ଓ ଅନ୍ୟମାନଙ୍କୁ ଯଡ଼ିତ ରହିବାକୁ ପୋତ୍ସାହିତ କରିବା, ପୁଣ୍ୟକର୍ମରେ ପ୍ରତିଷ୍ଠୀତ ରହିବା, ପୁଣ୍ୟକର୍ମ କରିବାକୁ ପୋତ୍ସାହିତ କରିବା, ଆପଣା ଅବା ପରଙ୍କୁ (ଉତମ) ଉପଦେଶ ପ୍ରଦାନ କରୁଥିଲେ । ଅଲ୍ଲାଃଙ୍କ ଉପରେ ତାଙ୍କର ଅତ୍ୟନ୍ତ ଦୃଢ ଆସ୍ଥା ଥିଲା । ଅଲ୍ଲାଃଙ୍କ ଇଚ୍ଛାରେ ସର୍ବଦା ସନ୍ତୁଷ୍ଟ ରହୁଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କୁ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ତାଙ୍କୁ ପୁଣ୍ୟକର୍ମର ପଥିକ ହେବାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

ପୃଷ୍ଠା- ୧୧ର ଅବଶିଷ୍ଟାଂଶ.....

ଅନ୍‌ଓ୍ୱର ଦଫ୍‌ତରି ଡ଼ାକ, ଚିଠିପତ୍ର ଓ ରିପୋର୍ଟ ଇତ୍ୟାଦିକୁ ନିରିକ୍ଷଣ କଲେ ଏବଂ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନା କରିବାରେ ବ୍ୟସ୍ତ ରହିଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ ଦିନ ୧ଟା ବେଳେ ହୋଟେଲ୍‌ର ଗୋଟିଏ ହଲ୍ ଯାହାକୁ ନମାଜ ପାଠ ନିମନ୍ତେ ଖାସ୍ କରି ରଖାଯାଇଥିଲା, ସେଠାରେ ପହଂଚି ନମାଜ୍ ଜୋହର ଏବଂ ଅସର ଜମା କରି ପଢ଼ାଇଲେ ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

ଆଜି ଗୋଟେମାଲାଠାରେ ହ୍ୟୁମାନିଟି ଫାଷ୍ଟ ଆମେରିକା ଅନ୍ତର୍ଗତ ନିର୍ମାଣ ହୋଇଥିବା ନାସିର୍ ହସ୍ପିଟାଲର ଉଦ୍‌ଘାଟନି ଉତ୍ସବର ପ୍ରୋଗ୍ରାମ ରଖାଯାଇଥିଲା । ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨.୫୦ ମିନିଟ୍‌ରେ ନାସିର ହସ୍ପିଟାଲ ନିମନ୍ତେ ଯାତ୍ରା କଲେ । ହଜୁରଙ୍କର କାଫିଲାକୁ ପୋଲସି ଏସ୍କର୍ଟ କରିନେଇଗଲା ଠିକ୍ ୩.୨୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଡ଼ାକ୍ତରଖାନାରେ ପଦାର୍ପଣ କଲେ । ହ୍ୟୁମାନିଟି ଫାଷ୍ଟର ଚେୟାରମ୍ୟାନ ଓ ଅନ୍ୟାନ୍ୟ ସଦସ୍ୟମାନେ, ଡ଼ାକ୍ତରଖାନାର କାର୍ଯ୍ୟକର୍ତା ଓ ଏହି ଉତ୍ସବରେ ସାମିଲ ହୋଇଥିବା ଶହ ଶହ ଅତିଥି ବୃନ୍ଦ ଏବଂ ପ୍ରେସ୍‌ର ସଦସ୍ୟମାନେ ହଜୁର ଅନଓ୍ୱରଙ୍କୁ ସ୍ୱାଗତ ଜଣାଇଲେ ଏହି ଅବସରରେ ଜମାତ୍‌ର ସଦସ୍ୟମାନେ ନାରା ମଧ୍ୟ ଲଗାଇଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ସ୍ୱତନ୍ତ୍ର ସାମିୟାନା ଭିତରକୁ ଚାଲିଗଲେ ଯେଉଁଠାରେ ଗୋଟେମାଲାର ସରକାରୀ କାର୍ଯ୍ୟକର୍ତାମାନେ ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ନିମ୍ନ ଲିଖିତ ଅତିଥିମାନେ ଏହି ସାମିୟାନା ଭିତରେ ଉପସ୍ଥିତ ଥିଲେ ।

Hon'ble Mario Figueroa Sb (Vice Minister of Health)
Hon'ble Juan Alberto Monzon (Vice Minister for Culture)
Hon'ble Godines Cuevas (General Second in Command GoteMala Army Peace Corp)
Hon'ble Edwin TZI (Chief of Gotemala National Civil Police)
Hon'ble Kamilo Rivera (First Vice Minister of Security Gotemalan Govt)
Hon'ble Dr. Jaun Carlos Barrios (Mayer of Town of Santiago)
Hon'ble Clara Barrios (Wife of Mayer Sb)
Hon'ble General Carlos Mansilla (President of Private Gotemala Security Forum)
Hon'ble Neftaly Aldana (Ex-President of Gotemalan Constitutional Court)
Hon'ble Iliana Calles Sb (Congress Women Gotemala)

ହଜୁର ଅନଓ୍ୱର ଅ:ବ:ଅ ଉପରୋକ୍ତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଲେ । ଏହି ସମସ୍ତ ଅତିଥିମାନେ ମଧ୍ୟ ହଜୁର ଅନଓ୍ୱରଙ୍କୁ କୃତଜ୍ଞତା ଜଣାଇଲେ ଯେ, ଜମାତ୍ ଅହମଦୀୟା ଗୋଟିଏ ନୂଆ ଡ଼ାକ୍ତରଖାନ ''ନାସିର ହସ୍ପିଟାଲ'' ହ୍ୟୁମାନିଟି ଫାଷ୍ଟ ଅନ୍ତର୍ଗତ ଆରମ୍ଭ କରିଛି ଯାହା ମାଧ୍ୟମରେ ସେମାନଙ୍କ ଦେଶରେ ଆଶାର ଏକ ନୂଆ କିରଣ ସୃଷ୍ଟି ହୋଇଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ହ୍ୟୁମାନିଟି ଫାଷ୍ଟ ସ୍ଥାପନ ହେବାର ଉଦ୍ଦେଶ୍ୟ ହେଉଛି ଏହା କି, ସେ ମାନବତାର ସେହି ଶ୍ରେଣୀର ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ନିଃସ୍ୱାର୍ଥ ସେବା କରିବ ଯେଉଁମାନେ ଗରିବ ଓ ଅସହାୟ ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ପରିସ୍ଥିତି ଅନୁକୁଳ ରହେ ତେବେ ହ୍ୟୁମାନିଟି ଫାଷ୍ଟ ଆହୁରି ନୂଆ ନୂଆ ଇଲାକାରେ ନିଜର କାର୍ଯ୍ୟକୁ ଆଗକୁ ବଢ଼ାଇବ ।

କଂଗ୍ରେସ ଓମେନ୍ ଗୋଟେମାଲା ଇଲିଆନା କାଲେସ୍ ସାହେବା ଯିଏ ଏୟାରପୋର୍ଟରେ ମଧ୍ୟ ହଜୁର ଅନଓ୍ୱରଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ, ସେ ଆଜି ଏହି ପ୍ରୋଗ୍ରାମରେ ଯୋଗଦେବା ପାଇଁ ଆସିଥିଲେ । ହଜୁର ଅନଓ୍ୱର ତାଙ୍କଠାରୁ ପାର୍ଲାମେଂଟ ବିଷୟରେ କିଛି ପଚାରି ବୁଝିଲେ ଏଥିରେ ସେହି ମହାଶୟା କହିଲେ କି, ଆମ ପାର୍ଲାମେଂଟ ୧୫୮ ଜଣ ବିଶିଷ୍ଟ ସଦସ୍ୟ ଅଟେ । ଯିଏ କାନୁନ ନିର୍ମାଣ କରନ୍ତି ଓ ସେନେଟ୍ ନୁହନ୍ତି । ସେହି ମହାଶୟା ବତାଇଲେ ଯେ, ତାଙ୍କ ସମ୍ବନ୍ଧ ସରକାର ଚଲାଉଥିବା ପାର୍ଟି ସହିତ ରହିଛି । ହଜୁର ଅନଓ୍ୱର ଅ:ବ:ବ କହିଲେ ଆପଣ ଏୟାରପୋର୍ଟରେ ମଧ୍ୟ ପହଂଚିଥିଲେ ତେଣୁ ମୁଁ ମୋ ତରଫରୁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି ।

ଆଉ ଜଣେ ଅତିଥି ନିବେଦନ କଲେ ଯେ, ଏଠାରେ ଡ଼ାକ୍ତରଖାନା ଖୋଲାଯାଇଥିବାରୁ ଆମେ ବହୁତ ଆନନ୍ଦିତ । ଗୋଟେମୋଲାଠାରେ ସ୍ୱାସ୍ଥ୍ୟ ଓ ଉପଚାର କରିବା ବହୁତ ଆବଶ୍ୟକ । ଆମେ ଆପଣଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଛୁ ଯେ, ଆପଣମାନେ ଏଠାରେ ଡ଼ାକ୍ତରଖାନା ଖୋଲି ଉପଚାର କରିବାର ସୁବିଧା ଯୋଗାଇ ଦେଇଛନ୍ତି ।

ହଜୁର ଅନଓ୍ୱର କହିଲେ ଯେ, ଏହି ଡ଼ାକ୍ତରଖାନା ସ୍ଥାପନ ହେବାର ଉଦ୍ଦେଶ୍ୟ ହେଉଛି ମାନବ ଜାତିର ସେବା କରିବା ପ୍ରକୃତ କଥା ହେଉଛି ଏହା ଯେ, ମାନବିକତାକୁ ସ୍ଥାପନ କରାଯାଉ ଓ ସମସ୍ତେ ମିଳିମିଶି କାମ କରନ୍ତୁ ଓ ଏକାଠି ରୁହନ୍ତୁ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର କହିଲେ ଯେ, ଏ ପର୍ଯ୍ୟନ୍ତ ଡ଼ାକ୍ତରଖାନାକୁ ମୁଁ ଫଟୋ ଦ୍ୱାରା ଦେଖିଛି ବହୁତ ସୁନ୍ଦର ଡିଜାଇନ ହୋଇଛି ।

ଏହି ଇଲାକାର ମେୟର ମଧ୍ୟ ଏହି ପ୍ରୋଗ୍ରାମରେ ଉପସ୍ଥିତ ଥିଲେ । ହଜୁର ଅନଓ୍ୱର ତାଙ୍କୁ ପଚାରିଲେ ଯେ, କଣ ମେୟରଙ୍କୁ କାଉନ୍‌ସିଲରମାନେ ନିର୍ବାଚିତ କରିଥାନ୍ତି କି ? ଏଥିରେ ମେୟର ସାହେବ କହିଲେ ଯେ, ସ୍ଥାନୀୟ ଲୋକମାନେ ନିର୍ବାଚିତ କରିଥାନ୍ତି । ଆସନ୍ତା ବର୍ଷ ପୁର୍ନବାର ନିର୍ବାଚନରେ ଭାଗ ନେବାର ମନସ୍ଥ କରିଛି । ମେୟର ସାହେବ କହିଲେ କି, ସେ ହଜୁର ଅନଓ୍ୱରଙ୍କ ବହୁତ କୃତଜ୍ଞ ଯେ, ହଜୁର୍ ଡ଼ାକ୍ତରଖାନାର ଉଦ୍‌ଘାଟନି ଉତ୍ସବ ପାଇଁ ଏଠାକୁ ଆସିଛନ୍ତି । ହ୍ୟୁମାନିଟି ଫାଷ୍ଟ ବହୁତ ଶୀଘ୍ର ଡ଼ାକ୍ତରଖାନାର ନିର୍ମାଣ କାର୍ଯ୍ୟ ସମ୍ପୁର୍ଣ୍ଣ କରି ଡ଼ାକ୍ତରଖାନାକୁ ପ୍ରସ୍ତୁତ କରିଛନ୍ତି ।

ହଜୁର ଅନଓ୍ୱର ଏ ଇଲାକାର ଜନସଂଖ୍ୟା ପ୍ରସଙ୍ଗରେ ପଚାରି ବୁଝିଲେ ଯେଉଁମାନେ ଏହି ଡ଼ାକ୍ତରଖାନାରୁ ଲାଭ ଉଠାଇପାରିବେ । ଏଥିରେ ଏ କଥା ତାଙ୍କୁ କୁହାଗଲା ଯେ, ଏଠାରେ ଏହି ଇଲାକା ଓ ଆଖପାଖ ଇଲାକାର ଜନସଂଖ୍ୟା ଲକ୍ଷାଧିକ ଯେଉଁମାନେ ଏହି ଡ଼ାକ୍ତରଖାନାରୁ ଲାଭ ଉଠାଇବେ ।

ହଜୁର ଅନଓ୍ୱରଙ୍କ ଗୋଚରରେ ଏ କଥା କୁହାଗଲା ଯେ, ଏହି ଡ଼ାକ୍ତରଖାନାରେ ବାହାର ଦେଶରୁ, ଆମେରିକାରୁ କିଛି ଯୋଗ୍ୟ ଡ଼ାକ୍ତର ଆସିବେ ଓ ଆମ ସ୍ଥାନୀୟ ଡ଼ାକ୍ତର ମଧ୍ୟ ସେମାନଙ୍କଠାରୁ ପ୍ରଶିକ୍ଷଣ ହାସଲ କରିବେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ମାନବଜାତିର ସେବା ମନୋଭାବ ରହିବ ତେବେ ତର୍‌ବିୟତ୍ କରିବା ପରେ ମଧ୍ୟ ଏହା କାମରେ ଆସିପାରେ ।

ଏହି ଅତିଥିମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ୩.୩୦ ପର୍ଯ୍ୟନ୍ତ ଜାରି ରହିଲା ଏହାପରେ ପ୍ରୋଗ୍ରାମ ମୁତାବକ ଆମେରିକିୟ ସରକାରୀ କାର୍ଯ୍ୟ ନିର୍ବାହୀ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତ କଲେ । ଏହି ପ୍ରତିନିଧି ମଣ୍ଡଳରେ ନିମ୍ନଲିଖିତ ସଦସ୍ୟମାନେ ସାମିଲ ଥିଲେ ।

Hon'ble Norma Torres Sb (Member of Congress U.S.A)
Hon'ble David Hodge Sb (Dy. Chief Mission American Ambassy Gotemala)
Hon'ble Anupa Ma Sb (U.S.Aid Dy. Cheif Mission)
Hon'ble Deborah Perl Man Sb (Contracting & Agreement Officer)
Hon'ble Rain Bian Sb (Control Officer American Ambassy Gotemala)
Hon'ble Kristin Bushby Sb (Political Officer American Ambassy Gotemala)
Hon'ble Hector Romeo Menedez Sb Arriola (Project Manager Health & Educational Office)
Hon'ble Chris Jones Sb (Information Officer Americal Ambassy Goteamala)
Hon'ble Luis Midence Sb (Photographer American Ambassy)
Hon'ble Billy Alafogiannis Sb (Regional Security Officer American Ambassy Gotemala)
Hon'ble Barbra Amono Oceng Sb (Dy. Head Office Mission British Ambassy Gotemala)

ହଜୁର ଅନଓ୍ୱର ଅ:ବ:ଅ ଉପରୋକ୍ତ ସମସ୍ତ ଅତିଥିମାନଙ୍କଠାରୁ ଜଣ ଜଣ କରି ପରିଚୟ ହାସଲ କଲେ ।

କଂଗ୍ରେସ କର୍ମୀ Norma Torres Sb (ଯିଏ Los Angels America ରୁ ବିଶେଷ ରୂପେ ଡ଼ାକ୍ତରଖାନାର ଉଦ୍‌ଘାଟନି ଉତ୍ସବ ପ୍ରୋଗ୍ରାମରେ ଯୋଗଦେବା ପାଇଁ ଗୋଟେମାଲା ଆସିଥିଲେ) ନିଜ ନିର୍ବାଚନମଣ୍ଡଳୀର ପରିଚୟ ପ୍ରଦାନ କଲେ ଓ ବତାଇଲେ ଯେ ତାଙ୍କ ଇଲାକାରେ ଅଧିକାଂଶ ଲୋକ ହେଉଛନ୍ତି ଗୋଟେମାଲିୟନ୍ ଆମେରିକାନ୍ ଓ ଲସ୍ ଏଞ୍ଜେଲ୍‌ସଠାରେ ଗୋଟେମାଲା ସହିତ ସମ୍ବନ୍ଧ ରଖିଥିବା ଲକ୍ଷ ଲକ୍ଷ ଲୋକ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂସ ଲୋକଙ୍କୁ ଟୋରେସ୍ ସାହିବା ବ୍ୟକ୍ତିଗତ ଭାବେ ଜାଣିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ Norma Torres Sb ଙ୍କ ଦୁଇଟି

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡ଼ିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡ଼ିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ إِبْرَاهِيْمَ وَعَلٰى اٰلِ إِبْرَاهِيْمَ إِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى إِبْرَاهِيْمَ وَعَلٰى اٰلِ إِبْرَاهِيْمَ إِنَّكَ حَمِيْدٌ مَّجِيْدٌ-

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମମାନଙ୍କର ତୃଟିଗୁଡ଼ିକୁ ଆମମାନଙ୍କର କର୍ତ୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا ۫ وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତ୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତ୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

### ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

**ହୁ ଓ୍ୱଶ୍ ଶାଫି**

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍ନା ହଜୁର୍ ନଥୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।'' *(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)* |
|---|---|

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....

ସାକ୍ଷାତକାର ହେବ ସେତେବେଳେ ମୋ ଖୁସି ଆହୁରି ମଧ୍ୟ ବଢ଼ିଗଲା । ଯେତେବେଳେ ହଜୁରଙ୍କ ସହିତ ସାକ୍ଷାତକାର ହେଲା ମୁଁ ବହୁତ ଆନନ୍ଦିତ ହେଲି କାରଣ ତାଙ୍କ ନିକଟରେ ମୋତେ ବହୁତ ସମୟ ବସିବା ପାଇଁ ମୌକା ମିଳିଲା । ମୁଁ ଅଳ୍ପଦିନ ପୂର୍ବେ ମେକ୍ସିକୋ ସିଟିରେ ବୟତ କରିଥିଲି କିନ୍ତୁ ହଜୁରଙ୍କ ହାତରେ ବୟତ କରିବା ମୋ ଜୀବନରେ ଏପରି ଏକ ଘଟଣା ଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ମୁଁ ନିଜର ଅଶ୍ରୁକୁ ପୋଛି କହିଲି ଯେ, ଏହା ମୋ ଜୀବନର ସବୁଠାରୁ ସୁନ୍ଦର ଦିନ ଥିଲା ।

ମେକ୍ସିକୋରୁ ଆସିଥିବା ଜଣେ ନୂଆ ଅହେମଦୀ Miguel Angen ସାହେବ ନିଜର ମନୋଭାବକୁ ବ୍ୟକ୍ତ କରିକହୁଛନ୍ତି: ମୁଁ ହୃଦୟର ଗଭୀରତମ ପ୍ରଦେଶରୁ ହଜୁର ଅନଓ୍ୱରଙ୍କ କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି ଯେ, ହଜୁର ଏ କଥାର ଅନୁମତି ଦେଲେ କି, ଆମେ ହଜୁରଙ୍କ ସହିତ କିଛି କ୍ଷଣ ବିତାଇ ପାରିବୁ । ତତ୍‌ସହିତ ଗୋଟେ ମାଲାର ଜମାତ୍‌ରେ ବହୁତ ଗୁଡ଼ିଏ ନୂଆ ବନ୍ଧୁ ବନାଇଲୁ । ସତ କଥା ହେଉଛି ଏହା ଯେ, ଇସ୍‌ଲାମେ ଅହେମଦୀୟତରେ କୌଣସି ପ୍ରକାରର Border ନାହିଁ ଓ କୌଣସି ପ୍ରକାରର ସୀମା ନାହିଁ ଯାହା ଆମକୁ ଅଲଗା କରିପାରୁଥିବ । କୌଣସି ଦେଶର ସୀମା ଆମକୁ ଅଲଗା କରିପାରିବ ନାହିଁ ଆମେ ସମସ୍ତେ ହେଉଛୁ ଭାଇ ଭାଇ ଯଦି କିଛି ଫରକ ଅଛି ତେବେ ତାହା ଭାଷାଗତ ଫରକ ନଚେତ୍ ଆମେ ସମସ୍ତେ ହେଉଛେ ଭାଇ ଭାଇ । ପ୍ରିୟ ହଜୁରଙ୍କ ପଛରେ ନାମଜ ପଢ଼ିବା ସମୟରେ ମଧ୍ୟ ନିଶ୍ଚିତରୂପେ ୧୦ ରୁ ୧୫ଟି ଅଲଗା ଅଲଗା ଦେଶରୁ ଆସିଥିବା ଲୋକମାନେ ଥିଲୁ ଏହା ସତ୍ୱେ ମଧ୍ୟ ଆମେ ଏକ ହୋଇଥିଲୁ ଓ ଜଣେ ଖଲିଫାଙ୍କ ପଛରେ ନମାଜ୍ ପାଠ କରୁଥିଲୁ ।

ମେକ୍ସିକୋର ଆଉ ଜଣେ ମହିଳା ନୂତନ ଅହେମଦୀ Clara Juana Gonzalez Ramirez ସାହିବା ନିଜର ମନୋଭାବକୁ ବର୍ଣ୍ଣନା କରି କହୁଛନ୍ତି: ମେକ୍ସିକୋର ପ୍ରତିନିଧି ମଣ୍ଡଳ ସହିତ ହଜୁର ଅନଓ୍ୱରଙ୍କ ସାକ୍ଷାତ ଓ ବୟତ ଉତ୍ସବରେ ଭାଗ ନେବା ସମ୍ବନ୍ଧରେ କିଛି କହିବାକୁ ଚାହୁଁଛି ଯେ, ମୋ ନିକଟରେ ବର୍ତମାନ ଏପରି କୌଣସି ଶବ୍ଦ ନାହିଁ ଯାହା ମୋ ମନୋଭାବକୁ ବ୍ୟକ୍ତ କରିପାରିବ । ମୁଁ ବହୁତ ଆନନ୍ଦିତ ଏବଂ ବହୁତ ଆତ୍ମସନ୍ତୋଷ ପାଇଛି ଓ ମୁଁ ଏ କଥା ବୁଝିଚି ଯେ, ବୟତ ଉତ୍ସବରେ ଯୋଗ ଦେଇ ଓ ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତ କରିବା ଦ୍ୱାରା ମୋ ଇମାନ୍ ଆହୁରି ଅଧିକ ସୁଦୃଢ଼ ହୋଇଛି କାରଣ ମୋ ଜୀବନରେ ଓ ମୋ ଚର୍ତୁଃପାର୍ଶ୍ୱରେ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଇସ୍‌ଲାମ ଧର୍ମକୁ ବୁଝି ନାହାନ୍ତି ଓ ମୋ ଠାରୁ ଦୁରେଇ ରହିବାକୁ ଚାହୁଁଛନ୍ତି ଓ ମୋ ଠାରୁ ଏ କଥା ଆଶା କରୁଛନ୍ତି ଯେ, ମୁଁ ଜମାତ୍ ସହିତ ରହିବି ବା ତାଙ୍କ ସହିତ ? ମୁଁ ଏ ନିଷ୍ପତି କରିସାରିଛି ଯେ, ମୁଁ ଜମାତ୍ ସହିତ ରହିବାକୁ ଚାହୁଁଛି । ମୁଁ ଏ ଆଶା ରଖିଛି ଯେ ଈଶ୍ୱରଙ୍କ କରୁଣା ବଳରୁ ମୁଁ ଇସ୍‌ଲାମ୍‌ର ଶିକ୍ଷା ଗୁଡ଼ିକୁ ଶିଖି ଚାଲିବି । ତତ୍‌ସହିତ ଜମାତ୍‌ର ଖିଦ୍‌ମତ୍ (ସେବା) ମଧ୍ୟ କରିଚାଲିବି ଈଶ୍ୱରଙ୍କ ନିକଟରେ ମୋର ଏ ପ୍ରାର୍ଥନା ଯେ ଈଶ୍ୱର ଜମାତ୍ ଅହେମଦୀୟାକୁ ବଢ଼ାଇ ଚାଲନ୍ତୁ ଆମିନ୍ ।

ହଣ୍ଡୁରାସ୍ ଦେଶରୁ ଆସିଥିବା ଜଣେ ନୂଆ ଅହେମଦୀ ରୋଜା ଡିଲ୍‌ମି ରିୟୁଓ୍ୱାସ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ମୋର ଏହା ପ୍ରଥମ ଅବସର ଥିଲା ଯେ ମୋତେ ନିଜ ଦେଶରୁ ବାହାର ଦେଶକୁ ଯିବା ପାଇଁ ମୌକା ମିଳିଲା ଓ ଏତେ ଗୁଡ଼ିଏ ରାସ୍ତା ଅତିକ୍ରମ କରି ଯାତ୍ରା କରିବାକୁ ପଡ଼ିଲା । ଆମକୁ ହଣ୍ଡୁରାସ୍‌ରୁ ଗୋଟେ ମାଲା ଯିବା ପାଇଁ ୧୬ ଘଂଟା ଲାଗିଲା ଯଦିଚ ଆମକୁ ଯାତ୍ରା ସମୟରେ ବିଭିନ୍ନ ପ୍ରକାରର କଷ୍ଟର ସମ୍ମୁଖିନ ହେବାକୁ ପଡ଼ିଥିଲା କିନ୍ତୁ ଏହା ସତ୍ୱେ ମଧ୍ୟ ଯେଉଁ କ୍ଷଣି ଜମାତ୍‌ର ମସ୍‌ଜିଦ୍ ଓ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍‌ଙ୍କୁ ଦେଖିବାକୁ ପାଇଲି ସେତେବେଳେ ଯାତ୍ରା କରିବା ସମୟରେ ଯେଉଁ କଷ୍ଟ ଅନୁଭବ ହୋଇଥିଲା ତାହା ତତ୍‌କ୍ଷଣାତ୍ ମୁଣ୍ଡରୁ ବାହାରି ଚାଲିଗଲା । ଜମାତ୍‌ର ଅତ୍ୟନ୍ତ ପ୍ରିୟ ଲୋକମାନଙ୍କ ସହିତ ବହୁତ ଭଲ ଭଲ ଲୋକମାନଙ୍କ ସହିତ ସାକ୍ଷାତ କରିବାର ମୌକା ମିଳିଲା ଯେଉଁ ମାନେ ମୋ ସହିତ ନିଜ ପରିବାରର ସଦସ୍ୟରୂପେ ବ୍ୟବହାର କଲେ । ଆମେରିକାରୁ ଆସିଥିବା ଜଣେ ଅହେମଦୀ ମହିଳା ମୋତେ କହିଲେ କି ମୁଁ ତାଙ୍କ ଝିଅ ପରି ଲାଗୁଛି ଏହି ଯାତ୍ରାର ସବୁଠାରୁ ଉତମ ଭାଗଟି ଥିଲା ଖଲିଫାଙ୍କ ସହିତ ସାକ୍ଷାତକାର । ମୁଁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍‌ଙ୍କ ସହିତ ନିଜେ କୌଣସି କଥା କହିପାରୁନଥିଲି କାରଣ ଏପରି ଅନୁଭବ ହେଉଥିଲା ଯେ ମୁଁ ଆଉ ଗୋଟିଏ ଦୁନିଆରେ ଅଛି ଓ ମୁଁ ଏ କଥା ଚାହୁଁଥିଲି ଯେ, କେବଳ ଗୋଟିଏ ସ୍ଥାନରେ ବସି ଖଲିଫାଙ୍କୁ ଚାହିଁ ରହିଥିବି ଓ ତାଙ୍କ କଥାକୁ ଶୁଣି ଚାଲିଥିବି । ଏ ଅନୁଭବ ଏପରି ଥିଲା ଯାହାକୁ ବର୍ଣ୍ଣନା କରାଯାଇପାରିବ ନାହିଁ । ଏହି ଗସ୍ତ ସମୟରେ ଜମାତ୍‌ର ଶିକ୍ଷା ସମ୍ବନ୍ଧରେ ମୁଁ ବହୁତ କିଛି ଜାଣିବାକୁ ପାଇଲି । ଯେତେବେଳେ ଖଲିଫା ମସ୍‌ଜିଦ୍‌ରେ ପଦାର୍ପଣ କଲେ ସେତେବେଳେ ହଜୁର ଅନଓ୍ୱରଙ୍କ ସମ୍ମୁଖରେ ଗୋଟିଏ ନଜମ୍ ପଢ଼ିବାର ମଧ୍ୟ ଅବସର ମିଳିଲା ସେହିପରି ସାମୁହିକ ସାକ୍ଷାତକାର ସମୟରେ ମଧ୍ୟ ନଜମ୍ ପଢ଼ିବାର ମୌକା ମିଳିଲା ।

ହଣ୍ଡୁରାସ୍‌ରୁ ଆସିଥିବା ମନୁଲୁ ହୌଜେ ଇସ୍‌କୁତୁ ସାହେବ ଯେ ହେଉଛନ୍ତି ଜଣେ ଟିଭି ରିପୋର୍ଟର ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏହି ଯାତ୍ରା ମୋ ପାଇଁ ଅତ୍ୟନ୍ତ ସୁନ୍ଦର ଅନୁଭବ ଥିଲା ମୋତେ ଜମାତ୍ ଅହେମଦୀୟା ମୁସ୍‌ଲିମାର ବିଶ୍ୱାସ, ଆସ୍ଥା ଓ ମାନବ ସେବା କରିବା ପ୍ରତି ଥିବା ପ୍ରଚେଷ୍ଟା ସମ୍ବନ୍ଧରେ ଅଧିକ କିଛି ଜ୍ଞାନ ଆହାରଣ କରିବା ପାଇଁ ମୌକା ମିଳିଲା । ଏଥରକ ନାଶିର୍ ହସ୍‌ପିଟାଲ୍‌ର ଉଦ୍‌ଘାଟନ କରାଗଲା ଯାହା ମାଧ୍ୟମରେ ହଜାର ହଜାର ଗରିବ ଲୋକମାନଙ୍କୁ ସାହାଯ୍ୟ କରାଯାଇପାରିବ । ଖଲିଫାଙ୍କ ମନୋଭାବ ବିଷୟରେ ଜାଣିବା ଏକପ୍ରକାରର ସ୍ୱତନ୍ତ୍ର ଅନୁଭବ । ଖଲିଫାଙ୍କ ବାର୍ତାର କେନ୍ଦ୍ରବିନ୍ଦୁ ସର୍ବଦା ଶାନ୍ତି ଏବଂ ଆନ୍ତର୍ଜାତିକ ଭାଇଚାରା ହୋଇଥାଏ । ଖଲିଫା ଲୋକମାନଙ୍କର ମାନସିକ ସ୍ତର ଓ ଭାବନା ମୁତାବକ କଥା କହିଥାନ୍ତି ଓ ମୁସଲ୍‌ମାନମାନଙ୍କ ସମ୍ବନ୍ଧରେ ସମାଜରେ ବ୍ୟାପି ଯାଇଥିବା ଖରାପ ଭାବନାକୁ ଦୁର କରିଥାନ୍ତି ।

ଏଡ୍‌ଓ୍ୱିନ ଅର୍‌ମାନ୍ଦୁ ମୋନ୍‌ତୁୟା ସାହେବ ଯେ ହଣ୍ଡୁରାସ୍ ଜମାତ୍‌ର ଖୁଦାମୁଲ୍ ଅହେମଦୀୟାର ସଦସ୍ୟ ଅଟନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଖଲିଫାଙ୍କ ସମ୍ମୁଖରେ ବସିବା, ଖଲିଫାଙ୍କ ବାର୍ତାକୁ ଶୁଣିବା ଓ ସେହି ଉପଦେଶ ଗୁଡ଼ିକ ଉପରେ ପରିଚାଳିତ ହେବା ଦ୍ୱାରା ନିଜ ଇମାନ୍‌ରେ ବୃଦ୍ଧି ଘଟିପାରିବ ଏହା ଏକ ଅତ୍ୟନ୍ତ ମନମୁଗ୍ଧକାରୀ ଅନୁଭବ ଥିଲା ଏହି ଗସ୍ତରେ ସବୁଠାରୁ ଭଲ କଥା ମୋତେ ଏହା ଲାଗିଲା ଯେ, ଖଲିଫାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଲାଭ ହେଲା । ହଜୁର ଅନଓ୍ୱର ବହୁତ ସ୍ନେହର ସହିତ ମୋତେ ଗୋଟିଏ କଲମ ମଧ୍ୟ ପ୍ରଦାନ କଲେ । ମୁଁ ଏ ଆଶା ରଖିଛି ଯେ, ଖଲିଫା ଖୁବ୍ ଶୀଘ୍ର ଆମ ଦେଶ ହଣ୍ଡୁରାସ୍ ମଧ୍ୟ ଆସିବେ । ଖଲିଫା ଅତ୍ୟନ୍ତ ବୁଦ୍ଧିମତାର ସହିତ ବାର୍ତାଳାପ କରିଥାନ୍ତି । ଯେତେବେଳେ ଆପଣ କୌଣସି ପ୍ରଶ୍ନର ଉତର ଦେଉଛନ୍ତି ସେତେବେଳେ ଅତ୍ୟନ୍ତ ବୁଦ୍ଧିମତାର ସହିତ ଓ ଉଚିତ ଉତର ଦେଉଛନ୍ତି । ପ୍ରାର୍ଥନା କରୁଛି ଯେ, ଅଲ୍ଲାଃ ତାଲା ସର୍ବଦା ଯୁଗ ଖଲିଫାଙ୍କ ସାହାଯ୍ୟ ସହଯୋଗ କରିଚାଲନ୍ତୁ ।

ସହର ଚୌଧୁରୀ ସାହିବା ଯିଏ ହଣ୍ଡୁରାସ ଜମାତରେ ନିଯୋଜିତ ହୋଇଥିବା ମୁବଲିଗ୍ ସାହେବଙ୍କ ସ୍ତ୍ରୀ ଅଟନ୍ତି, ସେ ପ୍ରତିନିଧି ମଣ୍ଡଳର ଯାତ୍ରା ସମ୍ବନ୍ଧରେ ଲେଖୁଛନ୍ତି: ହଜୁର ଅନଓ୍ୱରଙ୍କୁ ଦେଖିବା ପାଇଁ ଆମ ପ୍ରତିନିଧି ମଣ୍ଡଳର ଗୋଟେ ମାଲାର ଯାତ୍ରା ଏପରି ଥିଲା ଯାହାକୁ ମୁଁ କେବେ ଭୁଲିପାରିବି ନାହିଁ । ଏହା ଏକ ଐତିହାସିକ ଅବସର ଥିଲା ଯାହାର ଅଂଶ ହେବା ପାଇଁ ଆମକୁ ସୌଭାଗ୍ୟ ମିଳିଲା । ସମସ୍ତ ପ୍ରଶଂସା ହେଉଛି ଅଲ୍ଲାଃଙ୍କର । ହଣ୍ଡୁରାସର ଏହି ପ୍ରତିନିଧି ମଣ୍ଡଳରେ ମୋ ସ୍ୱାମୀ ଓ ମୋ ବ୍ୟତିତ ଜମାତ୍‌ର ଦୁଇଜଣ ସଦସ୍ୟ ଓ ଜଣେ ରିପୋର୍ଟର ମଧ୍ୟ ସାମିଲ ଥିଲେ । ଏହି ଯାତ୍ରା ସମୟରେ ରାସ୍ତାରେ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଲା । ରାସ୍ତା ଅତିକ୍ରମ କରିବାପାଇଁ ଆମେ ଯେଉଁ G.P.S ର ସାହାଯ୍ୟ ନେଉଥିଲୁ ତାହା ଆମକୁ ଏପରି ଏକ ରାସ୍ତା ଆଡ଼କୁ ନେଇଗଲା ଯାହା ପାହାଡ଼ି ରାସ୍ତା ଥିଲା ଓ ଶଡ଼କ କଚ୍ଚା ଥିଲା ସେହିପରି ଅତ୍ୟନ୍ତ ବିପଦପୂର୍ଣ୍ଣ ମଧ୍ୟ ଥିଲା । ସେହି ରାସ୍ତାରୁ ଆମ ଗାଡ଼ି ପାହାଡ଼ ଉପରୁ ତଳୁକୁ ପଡ଼ିଯିବାରୁ ବଂଚାଇବା ପାଇଁ କୌଣସି ପ୍ରକାରର ସୁରକ୍ଷା ବ୍ୟବସ୍ଥା ନଥିଲା । ସେହି ଦିନ ଅଲ୍ଲାଃ ତାଲା ଆମକୁ ସୁରକ୍ଷା ପ୍ରଦାନ କରି ଉକ୍ତ ବିପଦପୂର୍ଣ୍ଣ ଭୟଙ୍କର ରାସ୍ତାରୁ ବଂଚାଇଲେ ।

ତା'ଠାରୁ ବଳି ଆଶ୍ଚର୍ଯ୍ୟ କଥା ଏହା ଥିଲା ଯେ, ଯେଉଁ ଦୁଇଜଣ ନୂଆ ଅହେମଦୀ ଆମ ସହିତ ଥିଲେ ସେମାନେ ବାରଂବାର ଏହି କଥା କହୁଥିଲେ କି, ଚିନ୍ତା କରନାହିଁ ଅଲ୍ଲାଃ ତାଲା ଆମ ସହିତ ଅଛନ୍ତି ଆମେ ଅଲ୍ଲାଃଙ୍କ ମାର୍ଗରେ ଯାଉଅଛୁ । ଆମେ ହଜୁର ଅନଓ୍ୱରଙ୍କ ଆଗମନର ଗୋଟିଏ ଦିନ ପୂର୍ବରୁ ଗୋଟେ ମାଲାରେ ପହଂଚିଲୁ ଓ ହଜୁର ଅନଓ୍ୱରଙ୍କ ଆଗମନର ଅପେକ୍ଷାରେ ଏହି ଦିନଟି ଆମ ଜୀବନର ସବୁଠାରୁ ଲମ୍ବା ଦିନ ଲାଗୁଥିଲା । ଯେଉଁ ଦୁଇ ଦିନ ହଜୁର ଅନଓ୍ୱର ଗୋଟେ ମାଲାରେ ଉପସ୍ଥିତ ଥିଲେ ସେହି ଦୁଇ ଦିନ ଅତ୍ୟନ୍ତ ବାବର୍‌କତ୍ ଥିଲା । ଆମେ ସମସ୍ତେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆମର ସାକ୍ଷାତକାର ହେଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ନେତୃତ୍ୱରେ ନମାଜ୍ ପଢ଼ିବାର ଅବସର ମିଳିଲା । ବୟତ କରିବାର ସୌଭାଗ୍ୟ ମିଳିଲା । ନାଶିର୍ ହସ୍ପିଟାଲ୍‌ର ଉଦ୍‌ଘାଟନି ଉତ୍ସବରେ ଏବଂ ସେହି ଐତିହାସିକ ଅବସରରେ ଯୋଗ ଦେବା ପାଇଁ ସୌଭାଗ୍ୟ ମିଳିଲା । ହଜୁର ଅନଓ୍ୱରଙ୍କ ଅଭିଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ତାଙ୍କ ଭାଷଣର କେନ୍ଦ୍ର ବିନ୍ଦୁ ଏହା ଥିଲା ଯେ, ବାସ୍ତବରେ ମାନବିକତା କଣ ଓ ଭାଇଚାରାର ଅର୍ଥ କଣ ସେହିପରି ପ୍ରକୃତ ପ୍ରେମ ଓ ପ୍ରକୃତ ସହାନୁଭୁତି କଣ ।

ଇକ୍ୱେଡ଼ର ଦେଶରୁ ଜଣେ ନୂଆ ଅହେମଦୀ ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି: ଖଲିଫାଙ୍କର ଉପସ୍ଥିତିରେ ମୋତେ ଗୋଟିଏ ମୂଲ୍ୟବାନ ଭଣ୍ଡାର ମିଳିଯାଇଛି ଅଧ୍ୟାତ୍ମିକତା, ଶାନ୍ତି, ଖୁସି ଏବଂ ଆନନ୍ଦପୂର୍ଣ୍ଣ ଭାବନା ମୋ ମଧ୍ୟରେ ଭରି ଯାଇଛି ଓ ମୋତେ ବହୁତ ଶାନ୍ତି ପ୍ରାପ୍ତ ହେଲା । ବୟତ କରିବା ସମୟରେ ଯେବେ ହଜୁର୍ ନିଜର ପବିତ୍ର ହସ୍ତକୁ ମୋ ହାତ ଉପରେ ରଖିଲେ, ଏହା ଏପରି ଏକ ସୌଭାଗ୍ୟ ଥିଲା ଯାହା ମୋତେ ଏହା ପୂର୍ବରୁ କେବେ ପ୍ରାପ୍ତ ହୋଇନଥିଲା ।

ଇକ୍ୱେଡ଼ର ଦେଶରୁ ଆସିଥିବା ଜଣେ ଲଜ୍‌ନା ଇମାଇଲ୍ଲାଃର ସଦସ୍ୟ ଯିଏ ପାଖାପାଖି ଏକ ବର୍ଷ ପୂର୍ବେ ଅହେମଦୀ ହୋଇଛନ୍ତି, ତାଙ୍କୁ ପ୍ରଥମଥର ହଜୁର

ଅନଓ୍ୱରଙ୍କ ସହିତ ସାକ୍ଷାତାକାର କରିବାର ଅବସର ମିଳିଲା ସେ ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି: ଗୋଟେ ମାଲାର ଯାତ୍ରା ମୋ ପାଇଁ ଓ ମୋ ପୁଅ ପାଇଁ ବହୁତ ଶୁଭ ଯାତ୍ରା ଥିଲା ଯେତେବେଳେ ଆମେ ପ୍ରଥମଥର ହଜୁର ଅନଓ୍ୱରଙ୍କୁ ଦେଖିଲୁ ଏହା ଆମ ପାଇଁ ଏକ ବିଶେଷ ମୁହୁର୍ତ ଥିଲା କାରଣ ଏଥିରୁ ଆମକୁ ଶାନ୍ତି, ପ୍ରେମ ଓ ଧୈର୍ଯ୍ୟ ମିଳିଲା ଓ ଆମେ ମାନେ ଖଲିଫତୁଲ୍ ମସିହିଙ୍କ ଅସ୍ତିତ୍ୱରେ ଏକ ଐସର୍ଗିକ ଜ୍ୟୋତି ଦୃଷ୍ଟି ଗୋଚର ହେଲା । ପୁଣି ସାକ୍ଷାତକାର ସମୟରେ ଯେତେବେଳେ ମୋ ପୁଅ ହଜ୍‌ରତ୍ ଖଲିଫତୁଲ୍ ମସିହିଙ୍କ ସହିତ କାନ୍ଧ ମିଳାଇଲେ ସେତେବେଳେ ଆମକୁ ବହୁତ ଖୁସି ଅନୁଭବ ହେଲା ଓ ଆମେ ଏହାକୁ ନିଜ ପାଇଁ ଏକ ସୌଭାଗ୍ୟ ରୂପେ ବିବେଚନା କରୁଅଛୁ । ଇକ୍ୱେଡ଼ରକୁ ଫେରିଯିବା ଆମ ପାଇଁ ବହୁତ ଦୁଃଖ ଦାୟକ ହେବ, କାରଣ ଆମକୁ ନିଜ ଅହେମଦୀ ଭାଇ ଭଉଣୀମାନେ ଓ ଆମର ପ୍ରିୟ ଖଲିଫାଃ ବହୁତ ମନେ ପଡ଼ିବେ । ଆମେ ଆଶା କରୁଛୁ ଯେ, ଖୁବ୍ ଶୀଘ୍ର ଆମ ପୁର୍ନବାର ନିଜ ଖଲିଫାଃଙ୍କୁ ଦର୍ଶନ କରିବାର ସୌଭାଗ୍ୟ ହାସଲ କରିବୁ ।

ଇକ୍ୱେଡ଼ର ଦେଶରୁ ଆସିଥିବା ଜଣେ ପତ୍ରକାର ନିଜର ମନୋଭାବକୁ ବ୍ୟକ୍ତ କହୁଛନ୍ତି: ଖଲିଫତୁଲ୍ ମସିହିଙ୍କ ସହିତ ସାକ୍ଷାତକାର ମୋ ପାଇଁ ଏକ ସ୍ୱତନ୍ତ୍ର ଅନୁଭୁତି ଥିଲା ଓ ମୁଁ ଏପରି ଭାବହ୍ୱିହୁଳ ହୋଇଯାଇଥିଲେ ଯେ, ତାହା ବର୍ଣ୍ଣନା କରିବା କଷ୍ଟକର ମୋ ନିକଟରେ ଏପରି ଶବ୍ଦ ନାହିଁ ଯଦ୍ୱାରା ମୁଁ ନିଜର ମନୋଭାବକୁ ବର୍ଣ୍ଣନା କରିପାରିବି । ମୁଁ ବହୁତ ଆଶା ନେଇ ଈଶ୍ୱରଙ୍କ ଭକ୍ତ ''ଖଲିଫତୁଲ୍ ମସିହି''ଙ୍କୁ ଭେଟିବା ପାଇଁ ଯାଇଥିଲି । କେବଳ ତାଙ୍କୁ ଦର୍ଶନ କରିବା ହିଁ ମୋତେ ଆତ୍ମସନ୍ତୋଷ ଲାଭ ହେଲା ଓ ଏକ ପ୍ରକାର ଶାନ୍ତି ଅନୁଭବ କଲି । ଏପରି ଅନୁଭବ ହେଉଥିଲା ଯେ, ଏ ସମୟ ଏବଂ ଏ ସ୍ଥାନ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ କି, ଆସନ୍ତାକୁ କେବେ ମୋତେ ଏହା ମିଳିବ କି ନାଇଁ । ଖଲିଫାଃଙ୍କ ବାର୍ତା ସର୍ବଦା ଆମକୁ ଭାବିବା ପାଇଁ ବିବସ କରିଦେଉଛି ଯେ, ଲୋକମାନେ ମାନବ ସେବା ନିମନ୍ତେ କଣ କରୁଛନ୍ତି । ଖଲିଫାଃଙ୍କ ବାର୍ତା ସର୍ବଦା ଦୁର୍ବଳ ଲୋକମାନଙ୍କୁ ସାହାଯ୍ୟ, ସେମାନଙ୍କ ଶିକ୍ଷା ଓ ଉନ୍ନତି ଏବଂ ସମାଜରେ ନ୍ୟାୟର ବାର୍ତା ଦେଉଅଛି । ଖଲିଫାଃଙ୍କ ଅଭିଭାଷଣ ସର୍ବଦା ବୁଦ୍ଧିମତାରେ ପରିପୂର୍ଣ୍ଣ । ମୋତେ ଅନୁଭବ ହେଉଥିଲା ଯେ, ସେ ହୃଦୟର ଗଭୀରତମ ପ୍ରଦେଶରୁ ନିଜର ବାର୍ତାକୁ ଦେଉଥିଲେ । ଖଲିଫାଃ ସର୍ବଦା ଏ ପୃଥିବୀର ଭଲ ପାଇଁ, ଆପୋଷ ଐକ୍ୟ ଭାବ, ନ୍ୟାୟ ଏବଂ ମାନବିକ ଅଧିକାରର ଶିକ୍ଷା ଦେଉଛନ୍ତି । ଖଲିଫାଃଙ୍କ କଥା ଗୁଡ଼ିକ ଚୁମ୍ବକୀୟ ଆର୍କଷଣ ଭଳି, ମୁଁ ଭାଷା ନ ବୁଝୁଥିଲେ ମଧ୍ୟ ତାଙ୍କ କଥା ଗୁଡ଼ିକୁ ବହୁତ ଧ୍ୟାନର ସହିତ ଶୁଣୁଅଛି ।

ଗୋଟେ ମାଲାରୁ ଜଣେ ନୂଆ ଅହେମଦୀ Soliman Rodrigez ବର୍ଣ୍ଣନା କରୁଛନ୍ତି: ଖଲିଫତୁଲ୍ ମସିହିଙ୍କ ଗୋଟେ ମାଲା ଆସିବା ଆମ ପାଇଁ ବହୁତ ସୌଭାଗ୍ୟର ବିଷୟ । ଆମ ଜମାତ୍ ଉପରେ ଈଶ୍ୱରଙ୍କ ବହୁତ ଦୟା ଯେ, ଖଲିଫାଃ ଆମ ଜମାତ୍‌କୁ ଅସିଛନ୍ତି । ଯେତେବେଳେ ଆମେ ଏ କଥା ଜାଣିବାକୁ ପାଇଲୁ ଯେ, ହଜୁର୍ ଗୋଟେ ମାଲା ଆସୁଛନ୍ତି ସେତେବେଳେ ଆମ ଭିତରେ ଖୁସିର ସୀମା ରହିଲା ନାହିଁ । ମୋ ଭିତରେ ଏକ ଅଧ୍ୟାତ୍ମିକ ଦୃଢ଼ତା ଜନ୍ମ ହେବାକୁ ଲାଗିଲା ଓ ଏଥିରେ କୌଣସି ଶଙ୍କା ନାହିଁ ଯେ, ଏବେ ମୁଁ ନିଜ ଭିତରେ ବହୁତ ପରିବର୍ତନ ଅନୁଭବ କରୁଛି । ମୁଁ ହଜୁରଙ୍କ ନିକଟରେ ନିବେଦନ କରୁଛି ଯେ, ଆପଣ ମହାଶୟ ବିଶେଷ ରୂପେ ଆମ ଜମାତ୍‌କୁ ନିଜର ବିଶେଷ ପ୍ରାର୍ଥନା ସମୟରେ ମନେ ରଖିବେ ।

ଗୋଟେ ମାଲାରୁ ଆସିଥିବ ଜଣେ ନୂଆ ଅହେମଦୀ Liza Pinto ସାହିବା ନିଜର ମନୋଭାବକୁ ଏପରି ବ୍ୟକ୍ତ କରୁଛନ୍ତି: ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ଯେ, ଖଲିଫତୁଲ୍ ମସିହି ଗୋଟେ ମାଲା ଆସିଛନ୍ତି ମୋ ପାଇଁ ଏହା ବହୁତ ଗର୍ବ ଓ ସମ୍ମାନର କଥା ଓ ମୋ ପାଇଁ ଏହା ଏକ ମହାନ୍ ଅନୁଭବ ସୁତରାଂ ମୋର ହୃଦୟ ଆନନ୍ଦରେ ଭରି ଯାଇଛି ଓ ଖଲିଫାଃଙ୍କ ବାବର୍‌କତ୍ ଅସ୍ତିତ୍ୱକୁ ଦେଖି ମୋ ଆଖିରୁ ଆନନ୍ଦର ଅଶ୍ରୁ ବହି ଆସିଲା ଓ ଏହା ମୋ ଇମାନ୍‌କୁ ସତେଜତା ଓ ଶକ୍ତି ପ୍ରଦାନ କଲା ।

ଗୋଟେ ମାଲାରୁ Doming Piul ସାହେବ ବର୍ଣ୍ଣନା କରୁଛନ୍ତି: ମୋର ସମ୍ବନ୍ଧ କାବୁନ୍ ଜମାତ୍ ସହିତ ରହିଛି ହଜୁର ଅନଓ୍ୱରଙ୍କ ଆଗମନରେ ମୁଁ ନିଜକୁ ଇମାନି ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବହୁତ ଉତ୍ସାହିତ । ହଜୁର ଅନଓ୍ୱରଙ୍କ ଆଗମନ ଦ୍ୱାରା ମୁଁ ଅତ୍ୟନ୍ତ ଆନନ୍ଦିତ । ମୋତେ ଖଲିଫାଃଙ୍କ ସହିତ ସମୟ ବିତାଇବା ପାଇଁ ଅବସର ମଧ୍ୟ ମିଳିଲା ମୁଁ ଏପରି ଜଣେ ବ୍ୟକ୍ତିଙ୍କ ସହିତ ମିଶିଛି ଯିଏ ଈଶ୍ୱରଙ୍କ ଅତି ନିକଟତର ।

ଗୋଟେ ମାଲାର Martiza Piul ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ହଜୁର ଅନଓ୍ୱରଙ୍କ ଏତେ ନିକଟରେ ରହିବା ପୂର୍ବରୁ କେବେ ମୋତେ ମୌକା ମିଳିନଥିଲା । ପୂର୍ବରୁ କେବଳ ଫଟୋ ଦେଖିଥିଲି କିନ୍ତୁ ଏବେ ପ୍ରଥମଥର ପାଇଁ ନିଜ ସମ୍ମୁଖରେ ଦେଖିବାର ଅବସର ମିଳିଲା । ଏଥିରେ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି । ହଜୁର ଅନଓ୍ୱରଙ୍କ ସହିତ କଥା ହେବାର ଅବସର ମୋ ଜୀବନରେ ଏହା ଏକ ଉତମ ଅବସର ଥିଲା ।

ଗୋଟେ ମାଲାରୁ Miguel Panzos ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଏହା ଆମ ଜୀବନର ଏକ ଉତମ ଅବସର ଥିଲା ଯେ, ଆମେ ଆମ ଜୀବ ଦସାରେ ପ୍ରଥମଥର ପାଇଁ ଖଲିଫାଃଙ୍କୁ ଦେଖିବାକୁ ପାଇଲୁ ଡ଼ାକ୍ତରଖାନା ସ୍ଥାପନ ହେବା ଆମ ପାଇଁ ଏକ ଐସି ପୁରସ୍କାରରୁ କମ୍ ନଥିଲା ପୂର୍ବରୁ କୌଣସି ଧର୍ମ ମାନବିକତା ସମ୍ବନ୍ଧରେ ଏପରି ଚିନ୍ତା କରିନଥିଲା । ମୁଁ ବହୁତ ଖୁସି ଯେ ଖଲିଫାଃଙ୍କୁ ଆମ ଗହଣରେ ପାଇଛୁ ଓ ଏ କଥାରେ ମଧ୍ୟ ଆନନ୍ଦିତ ଯେ, ଆମେ ଆମ ଗହଣରେ ବିଭିନ୍ନ ଦେଶରୁ ଆସିଥିବା ଅହେମଦୀ ଭାଇଭଉଣୀଙ୍କୁ ପାଇଛୁ । ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଛୁ ଯେ, ଖଲିଫାଃଙ୍କ ଯୋଗୁଁ ଆମ ଭିତରେ ଏକ ଆଧ୍ୟାତ୍ମିକ ପରିବର୍ତନ ସୃଷ୍ଟି ହେଇଛି ।

Aliya Puraida ସାହିବା ବର୍ଣ୍ଣନା କରୁଛନ୍ତି କି, ଖଲିଫାଃଙ୍କୁ ନିଜ ସମ୍ମୁଖରେ ଦେଖି ମୁଁ ମୋ ନିଜ ଭିତରେ ଏକ ଆନନ୍ଦ ଅନୁଭବ କଲି ଓ ଏକ ଗର୍ବ ଅନୁଭବ କଲି । ଆଜି ମୋତେ ମୋ ନିଜ ଉପରେ ଗର୍ବ ଲାଗୁଛି ଯେ, ମୁଁ ହେଉଛି ଜଣେ ଅହେମଦୀ ସେଥିଯୋଗୁଁ ଇସ୍‌ଲାମ୍‌ର ଉତମ ଶିକ୍ଷାଗୁଡ଼ିକୁ ଲୋକମାନଙ୍କ ନିକଟରେ ପହଂଚାଇବାକୁ ଚେଷ୍ଟା କରିବି ।

Claudia ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ମୁଁ ଅତ୍ୟନ୍ତ ଆନନ୍ଦିତ ଓ ନିଜକୁ ବହୁତ ସୌଭାଗ୍ୟଶାଳୀ ରୂପେ ବିବେଚନା କରୁଛି ଯେ, ଖଲିଫତୁଲ୍ ମସିହିଙ୍କୁ ନିଜର ଏ ଦେଶରେ ଦେଖିବାକୁ ପାଇଲି । ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ଏହି ସାକ୍ଷାତକାର ମୋ ପାଇଁ ଓ ମୋ ଘର ଲୋକଙ୍କ ପାଇଁ ବୈଭବଶାଳୀ ପ୍ରମାଣିତ ହେଉ । ମୁଁ ମୋର ମନୋଭାବକୁ ବ୍ୟକ୍ତ କରିବାପାଇଁ ମୋ ନିକଟରେ କୌଣସି ଭାଷା ପାଉନାହିଁ । ଯେତେବେଳେ ମୁଁ ସାମୁହିକ ସାକ୍ଷାତକାର କରିବା ସମୟରେ ହଜୁର ଅନଓ୍ୱରଙ୍କ ସହିତ ବସିଥିଲି ସେ ସମୟରେ ମୋ ମନ ଭିତରେ ଏ କଥା ଚାଲିଥିଲା ଯେ, ମୁଁ ହଜୁରଙ୍କ ସହିତ ବହୁତ କିଛି କଥା ହେବି କିନ୍ତୁ ମୋ ଭାବନା ସେ ସବୁ ଉପରେ ପ୍ରଭାବ ପକାଇଲା ଫଳତଃ ମୁଁ କିଛି କହିପାରିଲି ନାହିଁ । ମୋର ଏ ନିବେଦନ ଯେ, ହଜୁର ମୋ ପାଇଁ ଓ ମୋ ପାରିବାର ପାଇଁ ଦୁଆ କରନ୍ତୁ । ମୋ ବିଭାଘରକୁ ୧୦ବର୍ଷ ହୋଇଗଲାଣି ମୋର କୌଣସି ସନ୍ତାନ ନାହାନ୍ତି ତେଣୁ ଅଲ୍ଲାଃ ତାଲା ମୋତେ ସନ୍ତାନ ପ୍ରଦାନ କରନ୍ତୁ ।

ମେକ୍ସିକୋ ଦେଶର ଚିୟାପଶ୍ ଜମାତ୍‌ରୁ ଖଦିଜା ଗୋମଜ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରି କହୁଛି ଯେ ଖଲିଫତୁଲ୍ ମସିହିଙ୍କ ସହିତ ମିଶିବାର ମୌକା ମିଳିଲା ଓ ଆମ ପ୍ରଶ୍ନଗୁଡ଼ିକର ଉତର ମଧ୍ୟ ମଳିଲା । ଇସ୍‌ଲାମ ପ୍ରତି ମୋର ପ୍ରେମ ବଢ଼ିଚି ବୟତ କରିବା ଦ୍ୱାରା ମୋ ଇମାନ୍ ପୁର୍ନଜୀବିତ ହୋଇଛି । ମୁଁ ପ୍ରିୟ ହଜୁରଙ୍କ ଗୋଚରେ ଦରଖାସ୍ତ କରୁଛି ଯେ, ମୋର ଓ ଚିୟାପଶ ଜମାତର ଇମାନ୍ ଓ ଆସ୍ଥାରେ ବୃଦ୍ଧି ହେଉ ।

ସୁରୟା ଗୋମଜ୍ ସାହିବା ବର୍ଣ୍ଣନା କରୁଛନ୍ତି କି: ମୁଁ ଅଲ୍ଲାଃ ତାଲାଙ୍କ ଧନ୍ୟବାଦ ଜଣାଉଛି ଯେ, ଖଲିଫତୁଲ୍ ମସିହିଙ୍କୁ ଏହି ଅବସରରେ ମୋତେ ଦେଖିବା ପାଇଁ ସୁଯୋଗ ମିଳିଲା । ଏହା ପୂର୍ବରୁ ମୁଁ ହଜୁରଙ୍କ ଭାଷଣ ଶୁଣିଥିଲି କିନ୍ତୁ ହଜୁରଙ୍କୁ ଦେଖିବା ଏପରି ଏକ ଅନୁଭବ ଥିଲା ଯେ, ମୁଁ ଜାଣି ପାରୁନାହିଁ ଏହାକୁ କିପରି ବର୍ଣ୍ଣନା କରାଯିବ । ଏହା ଏପରି ଭାବନା ଯାହା ମୋ ହୃଦୟର ଅନ୍ତରରୁ ବାହାରୁଛି । ମୁଁ ସାମୁହିକ ସାକ୍ଷାତକାର ସମୟରେ ଉପସ୍ଥିତ ଥିଲି । ହଜୁରଙ୍କ ସାକ୍ଷାତକାର ମୋତେ ବହୁତ ବଡ଼ ଶିକ୍ଷା ଦେଇଛି ଯାହାକୁ ଏଠାରୁ ମୁଁ ନିଜ ସହିତ ନେଇ ଯିବି ।

ୟାସ୍‌ମୀନ୍ ଗୋମଜ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ: ସାକ୍ଷାତକାର ସମୟରେ ଉପସ୍ଥିତ ହେବା ଏକ ବହୁତ ସୁନ୍ଦର ସ୍ମୃତି ଅଟେ କାରଣ ମୋ ପାଇଁ ହଜୁର ଅନଓ୍ୱରଙ୍କୁ ନିକଟରେ ଦେଖିବାର ଏହା ପ୍ରଥମ ଅବସର ଥିଲା ଓ ମୋର ମନୋଭାବ ଏପରି ଥିଲା ଯେ, ମୁଁ ଖୁସିରେ କାନ୍ଦିପକାଉଥିଲି । ହଜୁର ଅନଓ୍ୱର ଯାହା କିଛି ବର୍ଣ୍ଣନା କଲେ ସେଥିରୁ ମୋତେ ନିଜ ଜୀବନରେ ଉନ୍ନତି ଆଣିବା ପାଇଁ ମୌକା ମିଳିବ ।

ମେକ୍ସିକୋରୁ ଆସିଥିବା ଜଣେ ନୂଆ ଅହେମଦୀ Jesus Vallejo Segura ସାହେବ କହୁଛନ୍ତି ଜମାତ୍ ଅହେମଦୀୟାର ପରିଚୟ ଏବଂ ଜମାତ୍ ସହିତ ସମ୍ପର୍କ ସ୍ଥାପନା କରିବା ବହୁତ ବଡ଼ ପୁରସ୍କାର । ମୋର ଏ ସୌଭାଗ୍ୟ ଯେ, ଅଲ୍ଲାଃ ତାଲା ମୋ ପ୍ରାର୍ଥନାକୁ ଶୁଣିଲେ । ମୁ ଅନ୍ଧାରରେ ଥିଲି ଅଲ୍ଲାଃ ତାଲା ସ୍ୱୟମଂ ମୋତେ ଓ ମୋ ପରିବାରକୁ ଆଲୋକ ଆଡ଼କୁ ନେଇ ଆସିଲା ଓ ମୋତେ ନିଜ ଜୀବନରେ ପରିବର୍ତନ ଆଣିବା ପାଇଁ ଅବସର ମିଳିଲା । ମୁଁ ହଜୁର ଅନଓ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ, ଗୋଟେ ମାଲା ଗସ୍ତରେ ଆସିଲେ ଓ ତତ୍‌ସହିତ ଏହା ଯେ, ମୋ ପ୍ରଶ୍ନର ଉତର, ଯାହା ଉପାସନା ସମ୍ବନ୍ଧିତ ଥିଲା, ସେ ସବୁର ସାନ୍ତ୍ୱନା ମୁଳକ ଉତର ଦେଲେ ।

ଲାଇଲା ଲତିଫା ବିନ୍ତ ମୁକରମ୍ ଇମାମ୍ ଇବ୍‌ରାହିମ୍ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ମୋର ସମ୍ପର୍କ ଚିୟାପସ୍ ଜମାତ୍ ସହିତ ଅଛି । ଖଲିଫାଃଙ୍କ ସହିତ ମିଶି ବହୁତ ଖୁସି ଲାଗିଲା । ଆମେ ପ୍ରଥମେ ହଜୁରଙ୍କୁ ଫଟୋ ମାଧ୍ୟମରେ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ବା ଟିଭି ଜରିଆରେ ଦେଖୁଥିଲୁ, ଏବେ ଅଲ୍ଲାଃ ତାଲାଙ୍କର ଆମ ଉପରେ ବହୁତ କରୁଣା ଯେ, ସେ ଆମକୁ ହଜୁରଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପ୍ରଦାନ କଲେ ଓ ହଜୁରଙ୍କ କଥା ଶୁଣିବାକୁ ଅବସର ଦେଲେ ମୋତେ ହଜୁରଙ୍କ ସହିତ ମିଶି ଏତେ ଖୁସି ଲାଗିଲା ଯେ, ମୁଁ ତାକୁ ବର୍ଣ୍ଣନା କରିପାରୁନାହିଁ । ମୁଁ ହଜୁରଙ୍କୁ କେବଳ ଏତିକି ପ୍ରାର୍ଥନା କରିବା ପାଇଁ ନିବେଦନ କରିବି ଯେ, ପ୍ରାର୍ଥନା କରନ୍ତୁ ଅଲ୍ଲାଃ ତାଲା ଆମକୁ ବାସ୍ତବିକ ଅହେମଦୀମାନଙ୍କ ମଧ୍ୟରେ ଗଣନା କରନ୍ତୁ ବା ସାମିଲ କରନ୍ତୁ ।

ପାନାନା ଦେଶରୁ ନିଜ ସ୍ତ୍ରୀ ଓ ଝିଅଙ୍କ ସହିତ ଆସିଥିବା Heliodoro Almanzo ସାହେବ ହଜୁର ଅନୱ୍ୱରଙ୍କ ସହିତ ସାକ୍ଷାତ କଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର ଅନୱ୍ୱରଙ୍କ ସହିତ ସାକ୍ଷାତକାର ମୋ ଜୀବନର ଖୁସିରେ ପରିପୂର୍ଣ୍ଣ ଦିନ ଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ହଜୁର ଅନୱ୍ୱରଙ୍କ ଜ୍ୟୋର୍ତିମୟ ଚେହେରାକୁ ଦେଖି ମୁଁ ଏକ ପ୍ରକାରର ଆଧ୍ୟାତ୍ମିକ ଆର୍କଷଣ ନିଜ ଭିତରେ ଅନୁଭବ କଲି । ମୋ ହୃଦୟ ହଜୁର ଅନୱ୍ୱରଙ୍କ ପ୍ରେମରେ ପରିପୂର୍ଣ୍ଣ ହୋଇଗଲା ମୁଁ ଏ କଥା କେବେ ଭାବି ନଥିଲି ଯେ, ଏହି ପବିତ୍ର ଅସ୍ତିତ୍ୱର ପାଦ ତଳେ ବସିବି ବୋଲି ଏବଂ ତାଙ୍କ ସହିତ ହାତ ମିଳାଇବାର ମୋତେ ସୌଭାଗ୍ୟ ଲାଭ ହେବ ବୋଲି । ଏ ଅଧମ ହଜୁର ଅନୱ୍ୱରଙ୍କ କୃତଜ୍ଞତା ମଧ୍ୟ ଜ୍ଞାପନ କରୁଛି ଯେ, ୫ବର୍ଷ ହେବ ବେମାର ଥିଲି ଓ ହଜୁର ଅନୱ୍ୱରଙ୍କ ପ୍ରାର୍ଥନା ବଳରେ ଈଶ୍ୱର ଦୟା କଲେ ଓ ମୁଁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରିପାଇଲି । ହଜୁର ଅନୱ୍ୱରଙ୍କ ପ୍ରେମ ଓ ଆଧ୍ୟାତ୍ମିକ ଆକର୍ଷଣ ଯାହା ମୋ ହୃଦୟ ଭିତରେ ରହିଛି ସେଥିରେ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି ।

ହାଇଦର୍ ଖାଏରୁ ସାହେବ ଯିଏ କୁଷ୍ଟାରିକା ଦେଶରୁ ଖଲିଫତୁଲ୍ ମସିହିଙ୍କୁ ଦର୍ଶନ କରିବାକୁ ଆସିଥିଲେ ସେ ବର୍ଣ୍ଣନା କରୁଛନ୍ତି: ଈଶ୍ୱରଙ୍କ ଖଲିଫାଃଙ୍କୁ ଗୋଟେ ମାଳାରେ ଦେଖି ଅତ୍ୟନ୍ତ ଆନନ୍ଦ ଅନୁଭବ କଲି । ମନକୁ ବହୁତ ଶାନ୍ତି ଓ ଆତ୍ମସନ୍ତୋଷ ପ୍ରାପ୍ତ ହେଲା । ହଜୁରଙ୍କର ନିକଟରେ ଇସ୍‌ଲାମ୍‌କୁ ପ୍ରଚାର ପ୍ରସାର କରିବା ପାଇଁ ଥିବା ବେଦନାକୁ ଅନୁଭବ କରି ମୁଁ ମଧ୍ୟ ଶପଥ କଲି ଯେ, ଇସ୍‌ଲାମ୍‌ର ପ୍ରେମ ପୂର୍ଣ୍ଣ ବାର୍ତା ପ୍ରଚାର କରିବା ନିମନ୍ତେ ବହୁ ମାତ୍ରାରେ ଚେଷ୍ଟା କରିବି ଯଦ୍ୱାରା ଏ ପୃଥିବୀ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷା ବିଷୟରେ ସଚେତନ ହେବ ଓ ଇସ୍‌ଲାମକୁ ଗ୍ରହଣ କରିବ । ନିଃସନ୍ଦେହ ହଜୁର ହେଉଛନ୍ତି ଶାନ୍ତିର ଦୂତ । ମାନବ ଜାତିର ସେବା ପାଇଁ ନାଶିର୍ ହସ୍ପିଟାଲ୍‌ର ସ୍ଥାପନରେ ଆମେ ଅଲ୍ଲାଃ ତାଲା ଓ ହଜୁରଙ୍କୁ ଧନ୍ୟବାଦ ଜଣାଉଛୁ ।

ବେଲିଜ୍ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ୧୬ ଘଂଟାର ଲମ୍ବା ରାସ୍ତାକୁ ଯାତ୍ରା କରି ଏଠାରେ ପହଂଚିଥିଲେ । ଲଜ୍‌ନାର ଜଣେ ସଦସ୍ୟ ଗୋଲ୍‌ଡ଼ା ମାର୍ଟିନା ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୋ ପାଇଁ ଓ ମୋ ପରିବାର ପାଇଁ ଏହା ଏକ ଅତ୍ୟନ୍ତ ମନମୁଗ୍ଧକାରି ଓ ବାବର୍‌କତ୍ ଅବସର ଥିଲା । ମୁଁ ବହୁତ ଭାବ ବିହ୍ୱଳ ହୋଇଯାଇଥିଲି । ମୁଁ ହଜୁର୍‌ଙ୍କୁ ବେଲିଜ୍‌ର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବତାଇବାକୁ ଚାହୁଁଥିଲି । ନିଶ୍ଚିତ ରୂପେ ଏହା ଏକ ଉତମ ଯାତ୍ରା ଥିଲା । ହଜୁର ଅନ୍‌ୱ୍ୱରଙ୍କ ସହିତ ମିଶି ବହୁତ ଆନନ୍ଦ ଲାଗିଲା । ପ୍ରାର୍ଥନା କରୁଛି ଯେ ଈଶ୍ୱର ହଜୁରଙ୍କୁ ସାହଯ୍ୟ ସହଯୋଗ କରିଚାଲନ୍ତୁ ଯଦ୍ୱାରା ହଜୁର ଅନ୍‌ୱ୍ୱର ଉଚିତ ମାର୍ଗରେ ଆମର ମାର୍ଗଦର୍ଶନ କରି ଆମକୁ ଅଲ୍ଲାଃଙ୍କ ଆଡ଼କୁ ନେଇଯାଆନ୍ତୁ । ଏହି ସାକ୍ଷାତକାର ସଦା ସର୍ବଦା ପାଇଁ ମତେ ମନେ ରହିବ କାରଣ ମୋର ଏ ବିଶ୍ୱାସ ଅଛି ଯେ, ମତେ ଓ ମୋ ପିଲାମାନଙ୍କୁ ଏହି ବର୍‌କତ୍‌ରୁ ଭାଗ ମିଳିଛି ।

ଲଜ୍‌ନାର ଜଣେ ସଦସ୍ୟ ଖଦିଜା ହସନ୍ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ: ହଜୁର ଅନ୍‌ୱ୍ୱରଙ୍କ ସହିତ ସାକ୍ଷାତକାର ମତେ ଆଧ୍ୟାତ୍ମିକତାରେ ଆହୁରି ଅଧିକ ବଢ଼ାଇଦେଲା । ମୁଁ ହଜୁର ଅନ୍‌ୱ୍ୱରଙ୍କୁ ଅନେକ ଥର ଟିଭିରେ ସାକ୍ଷାତକାର ଦେବାରେ, ରାଜନୈତିଜ୍ଞମାନଙ୍କ ସହିତ ବାର୍ତାଳାପ କରିବାରେ, ବିଭିନ୍ନ ଦେଶର ଲଜ୍‌ନା, ଖୁଦ୍ଦାମ୍, ୱାକିଫିନ୍‌ମାନଙ୍କ ସହିତ କ୍ଲାସ ନେବାର ଦେଖିଛି । ମୁଁ ନିଜକୁ ବଡ଼ ସୌଭାଗ୍ୟଶାଳୀ ମନେ କରୁଛି ଯେ, ମୁଁ ନିଜେ ହଜୁରଙ୍କ ସଭାରେ ସାମିଲ୍ ହେଲି ଓ ଆଜି ପ୍ରଶ୍ନ କରିବାର ମଉକା ମିଳିଲା । ମୁଁ ବହୁତ ଭାଗ୍ୟବତୀ ।

ଲଜ୍‌ନାର ଜଣେ ସଦସ୍ୟ Nicole Avilez ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୋର ଏହି ଯାତ୍ରା ଭଲ ଯାତ୍ରାଥିଲା ଓ ଏକ ବହୁତ ଭଲ ଅନୁଭବ ଥିଲା । ସାରା ପୃଥିବୀର ଭିନ୍ନ ଭିନ୍ନ ଦେଶର ଲୋକମାନଙ୍କ ସହିତ ମିଶିବାର ଅବସର ମିଳିଲା । ସମସ୍ତେ ମତେ ନିଜ ପରିବାରର ସଦସ୍ୟ ଭଳି ପ୍ରେମ କରୁଥିଲେ । ସବୁ ଲୋକମାନେ ଆମ ୱଫଦ୍‌ର ସମସ୍ତ ଲୋକମାନଙ୍କ ସହିତ ବହୁତ ସମ୍ମାନ କରୁଥିଲେ । ମୁଁ ଯେବେ ହଜୁରଙ୍କୁ ଦେଖିଲି ଓ ହଜୁର୍ ଯେତେବେଳେ ମୋ ସହିତ କଥା ହେଲେ । ସେତେବେଳେ ମୁଁ ବହୁତ ନର୍ଭସ ହୋଇଗଲି । ଯେତେବେଳେ ହଜୁର୍ ମତେ U.K ଯଲ୍‌ସାରେ ଆସିବା ପାଇଁ ନିମନ୍ତ୍ରଣ କଲେ, ଏଥିରେ ମୁଁ ବହୁମାତ୍ରାରେ ଭାବ ବିହ୍ୱଳ ହୋଇଯାଇଥିଲି । ମୋ ଶରୀର କାନ୍ଦିବାକୁ ଲାଗିଲା କାରଣ ମୋର ଭିଷଣ ଇଚ୍ଛା ଥିଲା ଯେ, ୟୁ.କେ ଯାଇ ହଜୁରଙ୍କ ସହିତ ସାକ୍ଷାତ କରିବି । ଏବେ ଇନ୍‌ଶାଅଲ୍ଲାଃ ମତେ ୟୁ.କେ ଯିବା ପାଇଁ ମଉକା ମିଳିବ । ଈଶ୍ୱର ମୋର ଏହି ଇଚ୍ଛାକୁ ପୂରଣ କଲେ । ଏହି ବାବର୍‌କତ୍ ସାକ୍ଷାତକାର ସର୍ବଦା ମନେ ରହିବ ।

ଲଜ୍‌ନାର ଜଣେ ସଦସ୍ୟ Florentina Perez ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଲାଗିଲା ଏପରି ଅବସର ଆଉ କେବେ ମଧ୍ୟ ମିଳିବ ନାହିଁ । ଖଲିଫାଙ୍କ ସହିତ ସାକ୍ଷାତକାର ମୋ ପାଇଁ ଏକ ସୌଭାଗ୍ୟ । ଏହି ସାକ୍ଷାତକାରର ସ୍ମୃତି ମୋ ସହିତ ମୃତ୍ୟୁ ପର୍ଯ୍ୟନ୍ତ ରହିବ । ହଜୁରଙ୍କ ସହିତ ନମାଜ ପଢ଼ିବାର ବହୁତ ଆନନ୍ଦ ଲାଗିଲା ଓ ମନକୁ ଶାନ୍ତି ମିଳିଲା । ଯେତେବେଳେ ହଜୁର ଅନ୍‌ୱ୍ୱର କୋଠରୀ ଭିତରେ ପ୍ରବେଶ କଲେ ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଏବେ ସବୁ କିଛି ଠିକ୍ ହୋଇଯିବ ଓ ସବୁ ପ୍ରକାରର ଅସୁବିଧା ଦୂର ହୋଇଯିବ । ସାକ୍ଷାତକାର ସମୟରେ ତ ମତେ କିଛି କହିବାର ଅବସର ମିଳିଲା ନାହିଁ କିନ୍ତୁ ମୋର ଆଶା ଅଛି ଯେ, ଭବିଷ୍ୟତରେ ମୁଁ ହଜୁରଙ୍କ ସହିତ ପୁନର୍ବାର ମିଳିପାରିବି ଓ ହଜୁରଙ୍କୁ କିଛି କହିପାରିବି ।

ଜଣେ ଝିଅ ପିଲା Juliet Robateau ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ହଜୁର ଅନ୍‌ୱ୍ୱରଙ୍କ ନମାଜ ଲମ୍ବା ଓ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଥିଲା । ଯେବେ ଆମର ସାକ୍ଷାତାକର ହଜୁରଙ୍କ ସହିତ ହେଲା ସେତେବେଳେ ମୁଁ ବହୁତ ଘାବରେଇ ଯାଇଥିଲି । । ହଜୁରଙ୍କ ବ୍ୟକ୍ତିତ୍ୱ ବହୁତ ନମ୍ର ଓ ପ୍ରେମପୂର୍ଣ୍ଣ ସ୍ୱଭାବ ଥିଲା । ଯେବେ ହଜୁରଙ୍କ ସହିତ ମୋର ବାର୍ତାଳାପ ହେଲା ସେତେବେଳେ ମୋ ଛାତି ବହୁତ ଧଡ଼କୁ ଥିଲା କାରଣ ମତେ ଭୟଥିଲା ଯେ ଏପରି କିଛି ନ କହି ଦିଏ ପରେ ମତେ ଲଜ୍ଜିତ ହେବାକୁ ପଡ଼ିବ । କିନ୍ତୁ ସବୁ କିଛି ଠିକ୍ ହୋଇଗଲା । ଆମେ ନାସିରାତ୍ ପିଲାମାନେ ହଜୁରଙ୍କ ସମ୍ମୁଖରେ ହେଁ ବସ୍‌ତେ କିବ୍‌ଲା ନୁମା ଲା ଇଲାହା ଇଲ୍ଲଲ୍‌ଲାହ୍ ପଢ଼ି ଶୁଣାଇଲୁ । ଆମକୁ ଏ ଅନୁଭବ ହେଉଥିଲା ଯେ ଏହି ନଜମ୍‌ଟି ବହୁତ ଉତମ ଥିଲା ଓ ଏହି ସାକ୍ଷାତକାର ବହୁତ ବାବର୍‌କତ୍ ଥିଲା ।

ଲଜ୍‌ନାର ଜଣେ ସଦସ୍ୟ Pamela Pascasio ସାହିବା ଯେ ନିୟମିତ ରୂପେ ଏ ପର୍ଯ୍ୟନ୍ତ ବୟତ କରିନାହାନ୍ତି କିନ୍ତୁ ନିଜକୁ ଜଣେ ଅହେମଦୀ ରୂପେ ବିବେଚନା କରିଥାନ୍ତି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଯେତେବେଳେ ଆମେ ହଜୁର ଅନ୍‌ୱ୍ୱରଙ୍କ ଆଗମନର ଅପେକ୍ଷାରେ ଥିଲୁ ସେତେବେଳେ ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ, ଏଠାରେ ଉପସ୍ଥିତ ଥିବା ସବୁ ଲୋକମାନେ କେତେ ମାତ୍ରାରେ ଧ୍ୟାନ ରଖୁଛନ୍ତି ଓ କେଡ଼େ ମେଳାପି ଅଟନ୍ତି । ଏପରି ଲାଗୁଥିଲା ଯେପରି ମୁଁ ନିଜର ଜଣେ ହଜି ଯାଇଥିବା ବନ୍ଧୁକୁ ବହୁତ ସମୟ ପରେ ମିଶୁଅଛି । ଏଠିକାର ସମସ୍ତ ଲୋକେ ଅତ୍ୟନ୍ତ ସାହାଯ୍ୟକାରୀ ଓ ବ୍ୟବସ୍ଥାପକ ଥିଲେ । ଏମାନଙ୍କ ଆଚରଣରେ ଆପଣାପଣ ସ୍ପଷ୍ଟ ହେଉଥିଲା ଆମକୁ ବହୁତ ସମ୍ମାନ ଦିଆଗଲା ବିଭିନ୍ନ ଦେଶରୁ ଆସିଥିବା ଲଜ୍‌ନା ମାନେ ବେଲିଜ୍ ଦେଶ ଓ ଜମାତ୍ ସମ୍ବନ୍ଧରେ କିଛି ଜାଣିବାର ଆଗ୍ରହ ମୋତେ ବହୁତ ପ୍ରଭାବିତ କଲା । ମୋର ଏ ଆନ୍ତରିକ ଇଚ୍ଛା ଯେ, ସେହି ଲଜ୍‌ନାମାନଙ୍କ ସହିତ ମୋର ସ୍ଥାୟୀ ବନ୍ଧୁତ୍ୱ ଓ ଯୋଗାଯୋଗ କାୟମ ରହୁ ସେମାନଙ୍କ ମଧ୍ୟରୁ କେତେକ ଲଜ୍‌ନା ଆମ ଜମାତ୍‌ର ଲଜ୍‌ନାମାନଙ୍କୁ ସୁଦୃଢ଼ କରିବା ପାଇଁ ଦେଇଥିବା ଉପଦେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ହଜୁର୍‌ଙ୍କ ବାବର୍‌କତ୍ ଅସ୍ତିତ୍ୱ ଆମକୁ ସାକ୍ଷାତକାର ପ୍ରଦାନ କଲା ମୁଁ ଏ କଥାରେ ବହୁତ ପ୍ରଭାବିତ ହେଲି ଯେ, ହଜୁର ଅନ୍‌ୱ୍ୱର ଆମ ସମସ୍ତଙ୍କଠାରୁ ଅଲଗା ଅଲଗା ପରିଚୟ ହାସଲ କଲେ । ଆମ ଜମାତ୍‌ର ସୁଧାର ନିମନ୍ତେ ଉପଦେଶ ଦେଲେ ଓ ଆମ ସମସ୍ତଙ୍କୁ ଅଲଗା ଅଲଗା ଫଟୋ ଉତଳନ କରିବାପାଇଁ ଅବସର ମଧ୍ୟ ଦେଲେ । ଈଶ୍ୱର କରନ୍ତୁ ଯେ, ଦିନେ ନା ଦିନେ ହଜୁର ଅନ୍‌ୱ୍ୱର ବେଲିଜ୍ ଆସିବାର ହୁଅନ୍ତୁ ।

ପାରାଗୁଏ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳରେ ସାମିଲ ହୋଇଥିବା ସେଠିକାର ଡ଼େପ୍ୟୁଟି ଏଜୁକେସ୍‌ନାଲ ମିନିଷ୍ଟର ଓ ଡ଼େପ୍ୟୁଟି ରିଲିଜିଅନ୍ ମିନିଷ୍ଟର ମିଷ୍ଟର ରବର୍ଟ କାନୋ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୋତେ ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଗୋଟେ ମାଳାର ସଦସ୍ୟମାନଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ଦେଇଥିବାରୁ ମୁଁ ଅତ୍ୟନ୍ତ କୃତଜ୍ଞ ଆପଣ ମାନଙ୍କର ଶାନ୍ତି, ଶହିଷ୍ଣୁତା ଓ ଭାଇଚାରାର ଶିକ୍ଷା ସମଗ୍ର ମାନବ ଜାତି ପାଇଁ ଲାଭଦାୟକ ।

ପାରାଗୁଏରୁ ଆସିଥିବା ପ୍ରତିନିଧି ମଣ୍ଡଳରେ ସାମିଲ ହୋଇଥିବା ପତ୍ରକାର ରିଚାର୍ଡ଼ ମୋରାଏରା ସାହେବ ବର୍ଣ୍ଣନା କରୁଛନ୍ତି: ନୁଆ ନାସିର୍ ହସ୍‌ପିଟାଲ୍ ବହୁତ ଉତମ ଅଟେ । ଏହି ଆରୋଗ୍ୟ ପ୍ରଦାନ କରୁଥିବା ସ୍ଥାନଟି ଗୋଟେମାଲାର ଲୋକମାନଙ୍କ ସହିତ ଐକ୍ୟ ମନୋଭାବରେ ନିର୍ମାଣ କରାଯାଇଛି ଓ ଏହା ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ଦର୍ଶନ ଶାସ୍ତ୍ରର ସାରାଂଶ ଅଟେ ଯେ, ନିଜ ପଡ଼ୋଶୀମାନଙ୍କ ସହିତ ପ୍ରେମପୂର୍ଣ୍ଣ ବ୍ୟବହାର କର, ସେମାନଙ୍କ ସାମାଜିକ ଅବସ୍ଥା, ଦୃଷ୍ଟିକୋଣ ବା ଜାତି ଓ ବର୍ଣ୍ଣକୁ ନ ଦେଖି ପ୍ରେମପୂର୍ଣ୍ଣ ବ୍ୟବହାର କର ।

**୨୩ ଅକ୍ଟୋବର ୨୦୧୮**
**(ମଙ୍ଗଳବାର)**

ହଜୁର ଅନ୍‌ୱ୍ୱର ଅ:ବ:ଅ ଭୋର ୫ଟା ବେଳେ ପୋର୍ଟା ହୋଟେଲର ଗୋଟିଏ ହଲ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନ୍‌ୱ୍ୱର ଅ:ବ:ଅ ନିଜ ଆବସସ୍ଥଳୀ ପାଇଁ ବ୍ୟବହୃତ ହେଉଥିବା ଆପାର୍ଟମେଂଟକୁ ଚାଲିଗଲେ । ସକାଳ ବେଳା ହଜୁର

*ଅବଶିଷ୍ଟାଂଶ ପୃଷ୍ଠା- ୭ ରେ ଦେଖନ୍ତୁ...*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.4 Thursday 25 April 2019 Issue No. 17**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

### ୨୨ ଅକ୍ଟୋବର ୨୦୧୮ (ସୋମବାର) ରିପୋର୍ଟର ବଳକା ଅଂଶ ।

ଖୁଦାମୁଲ୍ ଅହେମଦୀୟାର କାଏଦ୍ ହଜୁର ଅନ୍‌ଓ୍ୱରଙ୍କ ସେବାରେ ମେକ୍ସିକୋ ଦେଶର ଧ୍ୱଜା ଉପସ୍ଥାପନା କଲେ । ହଜୁର ଅନ୍‌ଓ୍ୱର ସେହି ଧ୍ୱଜାକୁ ମେଜ ଉପରେ ରଖାଯାଇଥିବା ଏକ ଉପହାର ବ୍ୟାଗର କୋଣରେ ଛିଡ଼ାକରାଇ ରଖିଲେ ଓ ତତ୍‌ସହିତ ଏକଥା କହିଲେ ଯେ ଯଦି ଧ୍ୱଜା ଦେଇଛ ତେବେ ତାହାକୁ ଛିଡ଼ାକରି ରଖିବା ଉଚିତ ।

ମେକ୍ସିକୋ ଦେଶରୁ ଆସିଥିବା ଜଣେ ନୁଆ ଅହେମଦୀଙ୍କ ପ୍ରଶ୍ନର ଉତରରେ ହଜୁର ଅନ୍‌ଓ୍ୱର କହିଲେ: ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ଶେଷ ଦିନ ଗୁଡ଼ିକରେ ମସିହ୍ ଓ ଓ ମେହେଦୀ ପ୍ରକଟ ହେବେ । ତୁମେମାନେ ତାହାଙ୍କ ନିକଟରେ ପହଂଚିବ ଓ ତାଙ୍କ ସହିତ ସାକ୍ଷାତ କରିବ ଓ ମୋର ସଲାମ୍ ତାଙ୍କୁ ପହଂଚାଇବ । ସୁତରାଂ ଯେବେ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆବିର୍ଭାବ ହେଲେ । ମସିହ ଓ ମେହେଦୀ ହେବାର ଦାବି କଲେ ସେତେବେଳେ ଲୋକମାନେ ଆପଣ ଆ:ସଙ୍କୁ ଗ୍ରହଣ କଲେ ନାହିଁ । ଓ ଆପଣ ଆ:ସଙ୍କ ବିରୋଧରେ ଫତ୍‌ଓ୍ୱା ଲଗାଇଲେ । ପ୍ରାରମ୍ଭରେ କମ୍ ସଂଖ୍ୟକ ଲୋକେ ଆପଣ ଆ:ସଙ୍କୁ ଗ୍ରହଣ କଲେ ପୁଣି ଧିରେ ଧିରେ ସଂଖ୍ୟା ବଢ଼ିଚାଲିଲା । ବର୍ତମାନ ଏହି ସଂଖ୍ୟା କୋଟିରେ ପହଂଚିସାରିଛି । ଧିରେ ଧିରେ ଆମେ ବଢ଼ି ଚାଲିଛୁ । ହଜୁର ଅନ୍‌ଓ୍ୱର କହିଲେ: ଆମର ଏ ଆଶା ଅଛି କି, ମୁସଲମାନମାନଙ୍କ ମଧ୍ୟରୁ ବହୁ ଲୋକେ ଅହେମଦୀୟତ୍ ଗ୍ରହଣ କରିନେବେ । ଏହା କେବେ ହେବ ଏ କଥା ବତାଇପାରିବୁ ନାହିଁ । କିନ୍ତୁ ନିଶ୍ଚିତରୂପେ ଏପରି ହେବ । ହଜୁର ଅନ୍‌ଓ୍ୱର କହିଲେ: ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଥିଲେ ଯେ ମୁଁ ମୁସାଙ୍କ ମସିହଙ୍କ ପାଦେ ପାଦେ ଆସିଛି । ମୁସାଙ୍କ ମସିହ୍‌ଙ୍କ ବାର୍ତା ତିନି ଶହ ବର୍ଷରେ ପ୍ରଚାର ପ୍ରସାର ହୋଇଥିଲା । ଆପଣ ଆ:ସ କହିଲେ କି ତିନିଶହ ବର୍ଷ ନଥିବ ଯେ ପୃଥିବିର ଅଧିକାଂଶ ଲୋକେ ଅହେମଦୀତ୍ ଗ୍ରହଣ କରିନେବେ । ଏବେ ତ ୧୩୦ ବର୍ଷ ବିତିଛି । ଆପଣମାନେ ଆଶା ରଖନ୍ତୁ । ଇନ୍‌ଶାଅଲ୍ଲାଃ ଦୁନିଆ ଗ୍ରହଣ କରିବ । ବର୍ତମାନ ମୁଲ୍ଲାମାନଙ୍କ ତରଫରୁ ଯମାତ୍‌ର ବିରୋଧିମାନଙ୍କ ତରଫରୁ ପ୍ରତ୍ୟେକ ସ୍ଥାନରେ ଯମାତ୍‌ର ମୁଖାଲିଫତ୍ ଚାଲିଛି । କିନ୍ତୁ ଆମେ ଆମର କାର୍ଯ୍ୟ କରିଚାଲିଛୁ । ଇନ୍‌ଶାଅଲ୍ଲାଃ ଆପଣମାନେ ଦିନେ ନିଶ୍ଚିତ ରୂପେ ଏହାର ଫଳାଫଳ ଦେଖିନେବେ ।

ଶେଷରେ ମେକ୍ସିକୋ ଦେଶର ଲଜ୍‌ନା ଓ ଛୋଟ ଛୋଟ ଝିଅ ପିଲାମାନେ ସ୍ପେନୀୟ ଭାଷାରେ ଲଳିତ ସ୍ୱରରେ ଏକ କବିତା ପଢ଼ି ଶୁଣାଇଲେ । ଏହା ପରେ ସେଠାରେ ଉପସ୍ଥିତ ସମସ୍ତ ପୁରୁଷ ସଦସ୍ୟମାନେ ହଜୁର ଅନ୍‌ଓ୍ୱରଙ୍କ ସହିତ ହାତ ମିଳାଇଲେ । ଏହାପରେ ୮.୧୫ ମିନିଟ୍‌ରେ ହଜୁର ଅନ୍‌ଓ୍ୱର ଅ:ବ:ଅ ନିଜ ଦଫ୍‌ତର୍‌କୁ ଗଲେ ଯେଉଁଠି ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ମୁବଲ୍ଲିଗିନ୍ କରାମ୍ ଓ କିଛି ସ୍ଥାନୀୟ ସଦସ୍ୟ ନିଜ ନିଜର ପରିବାର ସହିତ ହଜୁର ଅନ୍‌ଓ୍ୱରଙ୍କ ସଙ୍ଗେ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏମାନେ ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ବୟତ ସମାରୋହ

ଏହାପରେ ୮.୪୫ରେ ହଜୁର ଅନ୍‌ଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ପଦାର୍ପଣ କଲେ ନମାଜ ମଗ୍‌ରିବ୍ ଓ ଇଶା ଏକାଠି ପଢ଼ାଇଲେ । ନମାଜ ପାଠ ପରେ ବୟତ ଉତ୍ସବ ଆରମ୍ଭ ହେଲା । ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ନୌ ମୁବାଇନ୍ (ଅର୍ଥାତ ନୂଆ ଅହେମଦୀମାନେ) ଓ ପୁରୁଣା ଅହେମଦୀମାନେ ହଜୁର ଅନ୍‌ଓ୍ୱରଙ୍କ ପବିତ୍ର ହସ୍ତରେ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଶେଷରେ ହଜୁର ଅନ୍‌ଓ୍ୱର ଦୁଆ (ପ୍ରାର୍ଥନା) କରାଇଲେ ।

ଏହାପରେ ହଜୁର ଅନ୍‌ଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଅଓ୍ୱଲ୍ ଗୋଟେମାଲାରୁ ଯାତ୍ରା ଆରମ୍ଭ କରି ଠିକ୍ ୧୦.୦୦ଟା ବେଳେ ନିଜ ଆବାସସ୍ଥଳୀ Porta Hotel ରେ ପହଂଚିଲେ ।

ଆଜି ଅଲ୍ଲାଃ ତାଲାଙ୍କ କରୁଣାରୁ ନିମ୍ନଲିଖିତ ଜାତି ଗୁଡ଼ିକରୁ ଆସିଥିବା ନୂଆ ଅହେମଦୀମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । କୋଷ୍ଟାରିକାନ୍, ପାରାଗୁୟେନ୍, ମେକ୍ସିକାନ୍, ହେଣ୍ଡୁରାନ୍, ପାନାମିଜ୍, ଇକୁଡ଼ୋରିୟାନ୍, ଏଲ୍‌ସ୍ଲୋଆଡ଼ୋରିୟାନ୍, ଗୋଟେମାଲନ୍ ଏବଂ ବେଲ୍‌ଜିୟନ୍ । ଏମାନେ ହେଉଛନ୍ତି ଏପରି ସୌଭାଗ୍ୟଶାଳୀ ଜାତିର ଲୋକେ ଯେଉଁମାନେ ବିଗତ କିଛି ବର୍ଷ ହେବ ଅହେମଦୀୟତରେ ଦାଖଲ ହୋଇଛନ୍ତି । ମଧ୍ୟ ଆମେରିକା ଏବଂ ଦକ୍ଷିଣ ଆମେରିକା ଦେଶଗୁଡ଼ିକର ଏମାନେ ସେହି ନୁଆ ଜାତି ଅଟନ୍ତି ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଝରଣାରୁ ତୃଷ୍ଣା ମେଂଟାଉଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଥିଲେ: ''ପ୍ରତ୍ୟେକ ଜାତି ଏହି ଝରଣାରୁ ପାଣି ପିଇବ ଏବଂ ଏହି ସମ୍ପ୍ରଦାୟ ଖୁବ୍ ଜୋରରେ ବଢ଼ିବ ଓ ବ୍ୟାପି ଯିବ ଏପରି କି, ସାରା ପୃଥିବୀରେ ପ୍ରସାରଣ ହୋଇଯିବ''

*(ତଜ୍‌ଲିୟାତେ ଇଲାହିୟା, ରୁହାନି ଖଜାଇନ୍, ଖଣ୍ଡ-୨୦, ପୃ-୪୦୯)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଅନୁସାରେ ଏହି ନୂଆ ଜାତିଗୁଡ଼ିକ ଆସିଥିବା ଏହି ନୂଆ ଅହେମଦୀମାନେ ଆଜି ନିଜ ଜୀବନରେ ପ୍ରଥମଥର ପାଇଁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ସହିତ ସାକ୍ଷାତକାର କରୁଛନ୍ତି ଓ ଦର୍ଶନ ପାଉଛନ୍ତି । ଆଜି ଏହି ଲୋକମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଝରଣାରୁ ନିଜର ତୃଷ୍ଣା ମେଂଟାଉଛନ୍ତି । ଆଜିର ଦିନଟି ଏହି ଲୋକମାନଙ୍କ ଜୀବନର ଗୋଟିଏ ଐତିହାସିକ ଦିନ ଥିଲା ଏମାନଙ୍କର ମନୋଭାବ ଓ ଭାବନା ଅବର୍ଣ୍ଣନୀୟ ଥିଲା । ସେଥିମଧ୍ୟରୁ କିଛି ବ୍ୟକ୍ତି ନିଜ ମନୋଭାବକୁ ପରିପ୍ରକାଶ କରିଛନ୍ତି ।

### ନୌ ମୁବାଇନ୍ (ନୁଆ ଅହେମଦୀ)ମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ

ମେକ୍ସିକୋର ଜଣେ ନୂଆ ଅହେମଦୀ ଇଓ୍ୱାନ୍ ଫ୍ରାନସ୍କୋ ସାହେବ ବର୍ଣ୍ଣନା କରୁଛନ୍ତି: ମୁଁ ଜଣେ ବିଶ୍ୱାସରେ ପରିପୂର୍ଣ୍ଣଥିବା ବ୍ୟକ୍ତି ବିଶେଷଙ୍କୁ ଦେଖିବାକୁ ପାଇଲି ଯିଏ ଈଶ୍ୱରଙ୍କ ତରଫରୁ ମୋ ପାଇଁ ପଥପଦର୍ଶକ ରୂପେ ଓ ମୋ ଇମାନ୍‌କୁ ବଢ଼ାଇବା ପାଇଁ ପଠାଯାଇଛନ୍ତି । ଯେତେବେଳେ ଆମେ ଖଲିଫତୁଲ୍ ମସିହିଲ୍‌ଙ୍କ ହାତରେ ବୟତ କଲୁ ସେ ସମୟ ଏପରି ଏକ ସମୟ ଥିଲା ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରେନା । ସେତେବେଳେ ମୋତେ ଶାରିରୀକ ରୂପେ ଏପରି ଅନୁଭବ ହେଲା ଯେପରି ମୋର ସାରା ଶରୀରଟି ଗରମ ହୋଇଯାଇଛି ଏବଂ ମୋ ଦେହରୁ ଝାଳ ବାହାରିବାକୁ ଲାଗିଲା ଓ ଏପରି ଲାଗୁଥିଲା ଯେପରି ଗୋଟିଏ କରେଂଟ ମୋ ଶରୀର ଭିତରେ ଦୌଡ଼ୁ ଅଛି ଓ ଯିବା ସହିତ ନିଜ ସଙ୍ଗେ ମୋର ସମସ୍ତ ପାପ ମଧ୍ୟ ନେଇଯାଇଛି । ଈଶ୍ୱରଙ୍କ ଲକ୍ଷ୍ୟ ଲକ୍ଷ୍ୟ ଧନ୍ୟବାଦ ଯେ ସେ ଆମକୁ ଖଲିଫତୁଲ୍ ମସିହିଲ୍ ପ୍ରଦାନ କରିଛନ୍ତି । ମୁଁ ଜାଣିଛି ଯେ, ଏହା ମୋ ପାଇଁ ଭଲ ଆଡ଼କୁ ବଢ଼ିବାର ପ୍ରଥମ ପାଦ ଓ ମୋ ଭିତରେ ଏହା ଏକ ପ୍ରକାରର ପରିବର୍ତନ ଆଣିଦେବ ।

ମେକ୍ସିକୋରୁ ଇର୍‌ଲାନ୍ଦା ମିର୍‌ୟା ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ସଦା ସର୍ବଦା ମୋର ଏ ଇଚ୍ଛା ଥିଲା ଯେ, ମୁଁ କିପରି ପ୍ରିୟ ହଜୁର୍‌ଙ୍କ ସହିତ ମିଶି ପାରିବି । ମୁଁ ନିଜ ଅଶ୍ରୁକୁ ରୋକିପାରିଲି ନାହିଁ । ଯେତେବେଳେ ମୁଁ ହଜୁରଙ୍କୁ ଦେଖିଲି ସେତେବେଳେ ମୋତେ ବହୁତ ଆତ୍ମସନ୍ତୋଷ ହେଲା ଓ ଏହା ମୁଁ ବିଶ୍ୱାସ କରିପାରୁନଥିଲି ଯେ ହଜୁର ଅନଓ୍ୱର ମୋ ସମ୍ମୁଖରେ ଉପସ୍ଥିତ ଅଛନ୍ତି ବୋଲି ।

ମେକ୍ସିକୋରୁ ଆସିଥିବା ଆଉ ଜଣେ ମହିଳା ଅହେମଦୀ Laura Matilde ସାହିବା ବର୍ଣ୍ଣନା କରୁଛନ୍ତି: ଗୋଟେ ମାଲାର ଏହି ଯାତ୍ରା କରିବାପରେ ଗୋଟିଏ କଥା ମୋ ମନ ଭିତରେ ଦୃଢ଼ ହୋଇଗଲା ଯେ, ଯେଉଁଠି ଈଶ୍ୱର ମୋତେ ଚାହୁଁଛନ୍ତି ମୁଁ ସେଠାରେ ଅଛି । ମୋ ମନ ଭିତରେ ଏ ସମ୍ବନ୍ଧରେ କୌଣସି ଶଙ୍କା ନାହିଁ ଯେ ମୁଁ ଆଧ୍ୟାତ୍ମିକ ଓ ଭାବନାତ୍ମକ ରୂପେ ବହୁତ ଆତ୍ମ ସନ୍ତୋଷ ଓ ଶାନ୍ତି ଅନୁଭବ କରୁଅଛି । ଅନ୍ୟ ଦେଶଗୁଡ଼ିକରୁ ଆସିଥିବା ଅହେମଦୀ ଭାଇ ଓ ଭଉଣୀଙ୍କ ସହିତ ମିଶିକରି ମଧ୍ୟ ଇମାନ୍ ସତେଜ ହେଲା ଆମେ ପ୍ରିୟ ହଜୁରଙ୍କ ପଛରେ ନମାଜ ପାଠ କରିବା ଦ୍ୱାରା ତା'ଠାରୁ ବଳି ମୋର ଇମାନ୍ ଆହୁରି ଅଧିକ ଦୃଢ଼ ହୋଇଗଲା । ବର୍ତମାନ ମୁଁ ବହୁତ ଶାନ୍ତି ଅନୁଭବ କରୁଅଛି ଓ ମୋର ଆନ୍ତରିକ ଇଛା ଏହା ଯେ ମୁଁ ଏହି ରାସ୍ତାରେ କାୟମ୍ ରହେ ଈଶ୍ୱର କରନ୍ତୁ ଯେ ଏପରି ହିଁ ହେଉ ।

Vicente Briones ସାହେବ ଲେଖୁଛନ୍ତି: ମୋର ସମ୍ବନ୍ଧ ମେକ୍ସିକୋ ସିଟି ଜମାତ୍ ସହିତ ଅଛି ଯେତେବେଳେ ମୋତେ ଏ କଥା ବତାଇଦିଆଗଲା ଯେ, ମୋତେ ଗୋଟେ ମାଲା ଯିବା ପାଇଁ ଅବସର ମିଳୁଅଛି ବୋଲି ଏଥିରେ ମୁଁ ବହୁତ ଖୁସି ହୋଇଗଲି କିନ୍ତୁ ଯେତେବେଳେ ଏ କଥା ଶୁଣିଲି ଯେ ସେଠାରେ ପ୍ରିୟ ଖଲିଫାଙ୍କ ସହିତ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**